ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 Issue - 33 13 - 19 August 2023 Sambalpur Page- 8 Invitation Price Rs.10

# ଭାରତ କୌଣସି ଚାପର ବଶବର୍ତ୍ତୀ ହେବନାହିଁ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ ସରକାର ବିରୋଧରେ ବିରୋଧୀ ଦଳ ମାନଙ୍କ ପକ୍ଷରୁ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ବାଚନିକ ଭୋଟ୍‌ରେ କାଟ ଖାଇଯାଇଛି । ଶ୍ରୀ ମୋଦୀ ସରକାର ବିରୋଧରେ ଗତ ପାଞ୍ଚ ବର୍ଷ ତଳେ ମଧ ବିରୋଧୀ ଦଳମାନଙ୍କ ପକ୍ଷରୁ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ କାଟ ଖାଇଯାଇଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

## ଲୋକସଭାରେ ଅନାସ୍ଥା ପ୍ରସ୍ତାବର ଉତ୍ତର ଦେଲେ ପ୍ରଧାନମନ୍ତ୍ରୀ

ଲୋକସଭାରେ ଅନାସ୍ଥା ପ୍ରସ୍ତାବ ଉପରେ ଉତ୍ତର ଦେଇ କହିଥିଲେ ଯେ, ବାରମ୍ବାର ସରକାରଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ଭାରତର ପ୍ରତ୍ୟେକ ନାଗରିକଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞତା ଜ୍ଞାପନ କରିବାକୁ ଆସିଛନ୍ତି । ପୂର୍ବ ଥରର ଅନାସ୍ଥା ପ୍ରସ୍ତାବ ବିଷୟରେ ସ୍ମରଣ କରାଇ ସେ କହିଥିଲେ, ଏହା ସରକାରଙ୍କ ପାଇଁ ଫ୍ଲୋର ଟେଷ୍ଟ ନୁହେଁ ବରଂ ୨୦୧୮ରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ବିରୋଧୀଙ୍କ ପାଇଁ ଏକ ଫ୍ଲୋର ଟେଷ୍ଟ । ଉଭୟ ଏନଡିଏ ଓ ବିଜେପି ଅଧିକ ଆସନରେ ବିଜୟୀ ହୋଇଛନ୍ତି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, 'ଯେତେବେଳେ ଆମେ ୨୦୧୯ରେ ନିର୍ବାଚନ ଲଢ଼ିଥିଲୁ, ଲୋକମାନେ ସେମାନଙ୍କ ଉପରେ ଅଧିକ ଦୃଢ଼ତାର ସହିତ ଆସ୍ଥା ପ୍ରକଟ କରିଥିଲେ । ଏକ ପ୍ରକାରରେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ ସରକାରଙ୍କ ପାଇଁ ଶୁଭ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଲୋକଙ୍କ ଆଶୀର୍ବାଦ ରେ ଏନଡିଏ ଓ ବିଜେପି ୨୦୨୪ରେ ସମସ୍ତ ରେକର୍ଡ ଭାଙ୍ଗି ବିଜୟୀ ହେବେ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଅଧିବେଶନ ଆରମ୍ଭରୁ ବିରୋଧୀ ମାନେ ଯଥେଷ୍ଟ ଗମ୍ଭୀରତାର ସହ ବିତର୍କରେ ଅଂଶଗ୍ରହଣ କରିଥିଲେ ଭଲ ହୋଇଥାନ୍ତା । ଗତ କିଛି ଦିନ ମଧରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ ଗୃହୀତ ହୋଇଛି । ବିରୋଧୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ ଠାରୁ ଉପରେ ରାଜନୀତିକୁ ପ୍ରାଧାନ୍ୟ ଦେଇଥିବାରୁ ଏସବୁ ଆଇନ ଉପରେ ଆବଶ୍ୟକ ଆଲୋଚନା ହୋଇପାରି ନ ଥିଲା । ମତ୍ସ୍ୟଜୀବୀ, ତଥ୍ୟ, ଗରିବ, ବଞ୍ଚିତ ଓ ଆଦିବାସୀଙ୍କ ସହ ଜଡ଼ିତ ଅନେକ ବିଲ୍ ଥିଲେ ମଧ ବିରୋଧୀଙ୍କର ସେଗୁଡ଼ିକ ପ୍ରତି ଆଗ୍ରହ ନ ଥିଲା । ଏହା ଲୋକଙ୍କ ଆଶା ପ୍ରତି ବିଶ୍ୱାସଘାତକତା ଥିଲା । ସେମାନେ ପ୍ରମାଣିତ କରିଛନ୍ତି ଯେ ସେମାନଙ୍କ ପାଇଁ ଦଳ ଦେଶଠାରୁ ଊର୍ଦ୍ଧ୍ୱରେ ରହିଛି । ଦେଶ ବିରୋଧୀଙ୍କୁ ଦେଖୁଛି ଏବଂ ସେମାନେ ସର୍ବଦା ଲୋକଙ୍କୁ ନିରାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଦର୍ଶାଇଥିଲେ ଯେ, ଗୋଟିଏ ରାଷ୍ଟ୍ରର ଜୀବନରେ ଏକ ସମୟ ଆସିଥାଏ ଯେତେବେଳେ ତାହା ପୁରୁଣା ବନ୍ଧନରୁ ମୁକ୍ତ ହୋଇ ନୂତନ ଶକ୍ତି ଏବଂ ସଂକଳ୍ପ ସହିତ ଆଗକୁ ବଢ଼େ । ଏକବିଂଶ ଶତାବ୍ଦୀର ଏହି ସମୟ ଆମର ସମସ୍ତ ଆକାଂକ୍ଷା ପୂରଣ କରିବାର ସମୟ । ଏହି ସମୟ ମଧରେ ଯାହାକୁ ଆକାର ଦିଆଯିବ ତାହା ଆଗାମୀ ହଜାର ବର୍ଷ ପର୍ଯ୍ୟନ୍ତ ଦେଶକୁ ପ୍ରଭାବିତ କରିବ । ତେଣୁ ଆମର ଏକ ବଡ଼ ଦାୟିତ୍ୱ ରହିଛି ଏବଂ ଆମର ଏକ ମାତ୍ର ଧାନ ଦେଶର ବିକାଶ ପ୍ରତି ରହିବା ଉଚିତ୍ । ଦେଶବାସୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ



ସମ୍ପୂର୍ଣ୍ଣ ସମର୍ପଣ ରହିବା ଆବଶ୍ୟକ । ସେ କହିଥିଲେ ଯେ, ଆମର ଲୋକ ଏବଂ ଯୁବବର୍ଗଙ୍କ ଶକ୍ତି ଆମକୁ ଆମ ଗନ୍ତବ୍ୟସ୍ଥଳରେ ପହଞ୍ଚାଇପାରିବ । ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ୨୦୧୪ ଏବଂ ପରବର୍ତ୍ତୀ ସମୟରେ, ଟ୍ରାକ୍ ରେକର୍ଡକୁ ଦୃଷ୍ଟିରେ ରଖି ଦେଶ ପୂର୍ଣ୍ଣ ସଂଖ୍ୟାଗରିଷ୍ଠ ସରକାର ବାଛିଲା । କାରଣ ସେମାନେ ଜାଣିଥିଲେ ଯେ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ସାମର୍ଥ୍ୟ କେଉଁଠି ଅଛି । ଆମେ ଭାରତର ଯୁବକମାନଙ୍କୁ ଦୁର୍ନୀତିମୁକ୍ତ ସରକାର ଦେଇଛୁ । ଆମେ ସେମାନଙ୍କୁ ସାହସ ଦେଇଛୁ ଏବଂ ଖୋଲା ଆକାଶରେ ଉଡ଼ିବାର ସୁଯୋଗ ଦେଇଛୁ । ଆମେ ବିଶ୍ୱରେ ଭାରତର ସ୍ଥିତିକୁ ମଜବୁତ କରିଛୁ ଏବଂ ସେମାନଙ୍କୁ ନୂତନ ଉଚ୍ଚତାରେ ପହଞ୍ଚାଇଛୁ । ଅନାସ୍ଥା ପ୍ରସ୍ତାବ ଆଳରେ ଲୋକଙ୍କ ଆସ୍ଥା ଭାଙ୍ଗିବା ପାଇଁ ବିରୋଧୀମାନେ ଏକ ବିଫଳ ପ୍ରୟାସ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଥିଲେ । ଷ୍ଟାର୍ଟଅପ୍ ଇକୋସିଷ୍ଟମର ଅଭିବୃଦ୍ଧି, ରେକର୍ଡ ବିଦେଶୀ ପୁଞ୍ଜିନିବେଶ ଏବଂ ରପ୍ତାନୀର ନୂତନ ଶୀର୍ଷରେ ପହଞ୍ଚିବା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଆଜି ଗରିବଙ୍କ ମନରେ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଏକ ବିଶ୍ୱାସ ସୃଷ୍ଟି ହୋଇଛି । ୧୩.୫ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ନୀତି ଆୟୋଗ ରିପୋର୍ଟ ବିଷୟରେ ମଧ ସେ ଆଲୋକପାତ କରିଥିଲେ ।

ପ୍ରଧାନମନ୍ତ୍ରୀ ଆଇଏମଏଫ୍‌ର ଏକ କାର୍ଯ୍ୟକାରୀ ଦସ୍ତାବିଜ ବିଷୟରେ ଉଲ୍ଲେଖ କରିଥିଲେ ଯେଉଁଥିରେ କୁହାଯାଇଛି ଯେ ଭାରତ ଉତ୍କଟ ଦାରିଦ୍ର୍ୟକୁ ପ୍ରାୟ ଦୂର କରିଛି । ଭାରତୀୟ ଡିବିଟି ଯୋଜନା ଏବଂ ଅନ୍ୟାନ୍ୟ ସାମାଜିକ କଲ୍ୟାଣକାରୀ ଯୋଜନା ଏକ 'ଲଜିଷ୍ଟିକ୍ ଚମତ୍କାର' । ଜଳ ଜୀବନ ମିଶନ ଦେଶରେ ୪ ଲକ୍ଷ ଜୀବନ ବଞ୍ଚାଇବାରେ ସହାୟକ ହେଉଛି ଏବଂ ସ୍ୱଚ୍ଛ ଭାରତ ଅଭିଯାନ ୩ ଲକ୍ଷ ଜୀବନ ବଞ୍ଚାଇବାରେ ସହାୟକ ହେଉଛି ବୋଲି ଡବ୍ଲ୍ୟୁଏଚଓର ରିପୋର୍ଟ ବିଷୟରେ ମଧ ସେ ଉଲ୍ଲେଖ କରିଥିଲେ । ଏମାନେ ହେଉଛନ୍ତି ଦେଶର ଗରିବ ଲୋକ, ଯେଉଁମାନେ ସହରାଞ୍ଚଳ ବସ୍ତିରେ ରହୁଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ୟୁନିସେଫ ତଥ୍ୟର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏହା ଦେଶର ଗରିବ ପରିବାରମାନଙ୍କୁ ବାର୍ଷିକ ୫୦,୦୦୦ ଟଙ୍କା ସଞ୍ଚୟ କରିବାରେ ସାହାଯ୍ୟ କରୁଛି । ବିରୋଧୀଙ୍କ ଉପରମୁହାଁ ଆଭିମୁଖ୍ୟକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସେମାନେ ଅବିଶ୍ୱାସରେ ଏତେ ବୁଡ଼ି ରହିଥିବାରୁ ଲୋକଙ୍କ ବିଶ୍ୱାସ ଦେଖି ପାରୁନାହାନ୍ତି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ଅନିର୍ଦ୍ଦିଷ୍ଟ କାଳ ପାଇଁ ସଂସଦ ସ୍ଥଗିତ

ନୂଆଦିଲ୍ଲୀ : ମଣିପୁରର ଜାତିଆଣ ହିଂସାକୁ ନେଇ ପାର୍ଲାମେଣ୍ଟରେ ହଟ୍ଟଗୋଳଜନିତ ଅଚଳାବସ୍ଥା ଏବଂ ଭାଜପା ସରକାରଙ୍କ ବିରୋଧରେ ବିରୋଧୀ ଦଳଗୁଡିକ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଜୋରଦାର ବିତର୍କ ପରେ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରଖାଯିବା ସାଙ୍ଗକୁ ମୌସୁମୀ ଅଧିବେଶନ ଶେଷ ହୋଇଛି । ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଉପରେ କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ ଆଲୋଚନା ଆରମ୍ଭ କରିଥିଲେ । ପାଖାପାଖି ୨୦ ଘଣ୍ଟାର ଆଲୋଚନାରେ ୬୦ ସଦସ୍ୟ ଭାଗ ନେଇଥିଲେ । ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪୦ ମିନିଟ୍ ଧରି ଉତ୍ତର ରଖିବା ପରେ ଅନାସ୍ଥା ପ୍ରସ୍ତାବ ବାଚନିକ ମତରେ କାଟ୍ ଖାଇଥିଲା ।



ଚଳିତ ଅଧିବେଶନରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ଗୃହରୁ ନିଲମ୍ବନ କରାଯାଇଥିବାରୁ ବିରୋଧୀ ସଦସ୍ୟ କ୍ଷୁବ୍ଧ ହୋଇ ବାଚସ୍ପତି ଓମ୍ ବିର୍ଲାଙ୍କ ଉଦ୍‌ଯାପନୀ ଭାଷଣ ବେଳେ କକ୍ଷତ୍ୟାଗ କରିଥିଲେ । ଚଳିତ ଅଧିବେଶନରେ ଲୋକ ସଭାରେ ମୋଟ୍ ୧୭ଟି କାର୍ଯ୍ୟଦିବସରେ ୪୪ ଘଣ୍ଟା ୧୩ ମିନିଟ୍ ପାଇଁ ଚାଲିଥିଲା । ଏହି ସମୟ ମଧରେ ୨୦ ଟି ସରକାରୀ ବିଲ୍ ଆଗତ ହୋଇଥିବା ବେଳେ ୨୨ ବିଲ୍ ଗୃହୀତ ହୋଇଥିଲା । ଗୃହୀତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧରେ ରହିଛି ମଲ୍ଟି ଷ୍ଟେଟ୍ କୋଅପରେଟିଭ୍ ସୋସାଇଟିଜ୍ ବିଲ୍, ଡିଜିଟାଲ ଡେଟା ପ୍ରୋଟେକ୍ସନ ବିଲ୍, ନ୍ୟାଶନାଲ ନର୍ସ ଆଣ୍ଡ ମିଡଓ୍ୱାଇଫେରି କମିଶନ ବିଲ୍, ନ୍ୟାଶନାଲ ଡେଣ୍ଟାଲ କାଉନସିଲ ବିଲ୍, ଜନବିଶ୍ୱାସ (ସଂଶୋଧନ) ବିଲ୍, ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର (ସଂଶୋଧନ) ବିଲ୍ ଏବଂ ସଶସ୍ତ୍ର ବଳ ସଂଗଠନ (କମାଣ୍ଡ, କଣ୍ଟ୍ରୋଲ, ଡିସିପ୍ଲିନ୍) ବିଲ୍ । ସେହିପରି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ଉଦ୍‌ଯାପନୀ ଭାଷଣ ଦେବା ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା ।

# ମାନବିକତାର ପରିଚୟ ଦେଇ ମୁଖାଗ୍ନି ଦେଲେ ଏସ୍‌ଏମ୍‌ସି କମିଶନର

ସମ୍ବଲପୁର : ସମ୍ବଲପୁର ମ୍ୟୁନସିପାଲ କର୍ପୋରେସନର ଜଣେ କର୍ମଚାରୀ ମୃତ୍ୟୁ ବରଣ କରିବା ପରେ ତାଙ୍କୁ ତାଙ୍କ ପରିବାର ବର୍ଗ ମୁଖାଗ୍ନି ଦେବା ପାଇଁ ମନା କରି ଦେବାରୁ ମାନବିକତାର ପରିଚୟ ଦେଇ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ଶ୍ରୀ ବେଦଭୂଷଣ ମୁଖାଗ୍ନି ଦେଇ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ । ଏହି ଦୃଶ୍ୟ ଶ୍ମଶାନରେ ଉପସ୍ଥିତ ଥିବା ସମସ୍ତଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା । କେରଳର ମୂଳ ବାସିନ୍ଦା ପଦ୍ମା ନାୟାର (୫୯) ୧୯୯୮ ମସିହାରୁ ତତ୍କାଳୀନ ହୀରାକୁଦ ଏନ୍.ଏ.ସି ପରିଚାଳିତ ଏକ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ସମ୍ବଲପୁର ମହାନଗର ନିଗମ ଘୋଷଣା ହେବାପରେ ଓ ଉକ୍ତ ସ୍କୁଲ ଶିକ୍ଷା ବିଭାଗରେ ମିଶ୍ରଣ ପରେ ତାଙ୍କୁ ଏସ୍‌ଏମ୍‌ସି କାର୍ଯ୍ୟାଳୟରେ କିରାଣୀ ଭାବେ ନିଯୁକ୍ତି ଦିଆଯାଇଥିଲା । ଗତ କରୋନା ସମୟରେ ସେ କେରଳ ସ୍ଥିତ ତାଙ୍କ ପରିବାର ନିକଟକୁ ଫେରିବାକୁ ଚାହୁଁଥିଲେ ମଧ ତାହା ସମ୍ଭବ ହୋଇନଥିଲା । ଆସନ୍ତା ୨୦୨୪ରେ ପଦ୍ମା ଚାକିରୀରୁ ଅବସର ଗ୍ରହଣ କରିଥାନ୍ତେ । ତେବେ ଗତ ୨/୩ ମାସ ହେଲା ସେ ଚଳାବୁଲା କରିପାରୁ ନ ଥିଲେ । ପରେ ପରେ ତାଙ୍କର ମାନସିକ ସମସ୍ୟା ସୃଷ୍ଟି ହୋଇଥିଲା । ପଦ୍ମା ଏଭଳି ଅବସ୍ଥାରେ ଏକୁଟିଆ ରହିଥିବା ବେଳେ ତାଙ୍କର ଚିକିତ୍ସା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପରିଚୟ' ପକ୍ଷରୁ ବ୍ୟବସ୍ଥା ଗ୍ରହଣ ହୋଇଥିଲା । ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।





ଏହି ଦୁଃଖଦ ଘଟଣା ପରେ ମହାନଗର ନିଗମ କାର୍ଯ୍ୟାଳୟ ପକ୍ଷରୁ ତାଙ୍କ ପରିବାରବର୍ଗଙ୍କ ସହ ଯୋଗାଯୋଗ କରାଯାଇଥିଲା । ପରିବାରବର୍ଗ ତାଙ୍କ ମୃତ ଶରୀର ଗ୍ରହଣ କରିବାକୁ ଅମଙ୍ଗ ହେବା ସହ ଦାହ ପରେ ଅସ୍ଥି ନେବା ପାଇଁ ମଧ ଅନିଚ୍ଛା ପ୍ରକାଶ କରିଥିଲେ । ଏଭଳି ସ୍ଥିତିରେ ଜଣେ ସହକର୍ମୀଙ୍କ ଶବକୁ ବେସାହାରା ଭାବେ ଛାଡିଦେବା ପାଇଁ ଚାହିଁନଥିଲା ଏସ୍‌ଏମ୍‌ସି । 'ସମ୍ବଳ' ସହାୟତାରେ ଶବକୁ କାନ୍ଧ ଦେଇ ଶ୍ମଶାନ ପର୍ଯ୍ୟନ୍ତ ବୋହି ଆଣିବା ସହ ଶେଷକୃତ୍ୟ ସମ୍ପନ୍ନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ସାମିଲ ହୋଇଥିଲେ ଏସ୍‌ଏମ୍‌ସି କମିଶନର୍, କର୍ମଚାରୀ ଓ ସ୍ୱେଚ୍ଛାସେବୀ । କମିଶନର୍ ଓ କର୍ମଚାରୀଙ୍କ ଏହି ମହାନ କାର୍ଯ୍ୟକୁ ସବୁ ବର୍ଗରେ ପ୍ରଶଂସା କରାଯିବା ସହ ମାନବିତା ତଥାପି ବଞ୍ଚିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଏ ସଂଖ୍ୟାରେ..



ବାୟୁ ପ୍ରଦୂଷଣ କିଡ଼ନୀ ରୋଗର କାରଣ



ଫୁଡ୍ ପଏଜନିଂର କାରଣ ଆଇସ୍‌କ୍ରିମ୍



ସୋରିଷ ଶାଗର ଲାଭ



ଗୁଣକାରୀ କଖାରୁ ମଞ୍ଜି



ବହୁ ଉପକାରୀ ସୈନ୍ଧବ ଲବଣ ପାଣି



ଗୋଲମରିଚର ଉପକାରିତା

## ସୋହେଲା ସତ୍ୟାଗ୍ରହ ପୀଠରେ କ୍ରାନ୍ତି ଦିବସ

ବରଗଡ଼: ସୋହେଲା ସତ୍ୟାଗ୍ରହ ସ୍ମାରକୀ ପୀଠରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି । ଗାନ୍ଧୀଙ୍କ ସମେତ ଏଗାର ମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଡାକ୍ତର ଶିଶିର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହାପରେ ସାମୂହିକ ଜାତୀୟ ସଂଗୀତ ଗାନ ହୋଇଥିଲା । ମା ଗୌରୀ ଦେବୀ ଟ୍ରଷ୍ଟର ନାଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ପ୍ରମୋଦ ଦେବତା, ଲଳିତ ଅଗ୍ରୱାଲ, ତୁଷାର କାନ୍ତ ସାହୁ,କିଶୋର ଗଡତିଆ ଉପସ୍ଥିତ ଥିଲେ ।ଶେଷରେ ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ର ସଂପାଦକ ଅଧାପକ ଟେକଚାନ୍ଦ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବତନ ଭଟଲି ବିଧାୟକ କୁମାର ବେହେରାଙ୍କ ପରଲୋକ

ବରଗଡ଼ : ବରଗଡ଼ ଜିଲ୍ଲା ଭଟଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କୁମର ବେହେରାଙ୍କ ବୁର୍ଲାର ଏକ ଘରୋଇ ନର୍ସିଂ ହୋମରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା । ସ୍ୱର୍ଗତ ବେହେରା ତାଙ୍କ ପଛରେ ୩ ପୁଅ ଓ ଜଣେ ଝିଅକୁ ଛାଡି ଚାଲିଯାଇଛନ୍ତି । ତାଙ୍କ ମରଶରୀରକୁ ଅତାବିରା ଏନଏସିର ୱାର୍ଡ଼ ନମ୍ବର ୭ ସ୍ଥିତ ବାସଭବନକୁ ଅଣାଯାଇ କିଛି ସମୟ ପାଇଁ ରଖାଯାଇ ତାଙ୍କର ଜନ୍ମମାଟି ହିର୍ଲ୍ଲିପାଲିକୁ ନିଆଯାଇ ସେଠି ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କ ବଡ଼ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ ।



ସ୍ୱର୍ଗତ ବେହେରା ୧୯୬୪ ମସିହାରୁ ଅତାବିରା ହାଇସ୍କୁଲରେ କଳା ଶିକ୍ଷକ ଭାବେ ଚାକିରୀରେ ଯୋଗଦେଇ ୧୯୯୦ ରେ ଇସ୍ତଫା ଦେଇଥିଲେ । ପରେ ୧୯୯୦ ନିର୍ବାଚନରେ ଜନତାଦଳ ଟିକେଟରୁ ଭଟଲି ଆସନରେ ଲଢ଼େଇ କରିଥିବା କୁମର ବେହେରା କଂଗ୍ରେସର ମୋହନ ନାଗ ଓ ବିଜେପିର ବିମ୍ବାଧର କୁଅଁରଙ୍କୁ ପରାସ୍ତ କରି ବିଧାୟକ ଭାବେ ବିଜୟଲାଭ କରିଥିଲେ । ପରେ ୨୦୦୦ ନିର୍ବାଚନରେ ତୃଣମୂଳ କଂଗ୍ରେସ ପାର୍ଟି ଓ ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଭଟଲି ଆସନରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିବା ବେଳେ ଦୀର୍ଘଦିନ ଧରି ନୀରବ ବସିବା ପରେ ୨୦୧୭ରେ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦେଇ ପଂଚାୟତ ନିର୍ବାଚନରେ ଦଳକୁ ସାହାଯ୍ୟ କରିଥିଲେ । ତେବେ ୨୦୧୯ରେ ବିଜେପି ଦଳ ଟିକେଟରୁ ବଞ୍ଚିତ ରହିବା ପରେ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ଯାଇଥିଲେ । ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଅ ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିବା ବେଳେ ତନ୍ମଧ୍ୟରେ ୦୮ ଗୋଟି ବ୍ୟକ୍ତିଗତ ଓ ୦୩ ଗୋଟି ସାମୁହିକ ଦରଖାସ୍ତ ରହିଛି । ଶିବିରରେ ଗୋଟିଏ ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇ, ଅନ୍ୟାନ୍ୟ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ସୋନପୁର ବିଡିଓ ଶ୍ରୀ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱ ରଞ୍ଜନ ପତି, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ତହସିଲଦାର ସୋନପୁର ନବୀନ କିଶୋର ପାଢ଼ୀ, ନିର୍ବାହୀ ଅଧିକାରୀ ପୌର ପରିଷଦ ସୋନପୁର ଶ୍ରୀ ସୂର୍ଯ୍ୟାଂଶୁ ରୁଟ ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ ।

## ବ୍ରହ୍ମକୁମାରୀ ଅନୁଷ୍ଠାନ ସ୍ୱାସ୍ଥ୍ୟ, ସୁଖ ସମୃଦ୍ଧି ଓ କ୍ରୀଡ଼ା କାର୍ଯ୍ୟକ୍ରମ

ସମ୍ବଲପୁର: କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ବିଭାଗ ସହାୟତାରେ ବ୍ରହ୍ମକୁମାରୀ ଅନୁଷ୍ଠାନ ତରଫରୁ ସବ୍ ଜୋନ ଦାୟିତ୍ୱରେ ଥିବା ରାଜଯୋଗିନୀ ପାର୍ବତୀ ଦିଦିଙ୍କ ପ୍ରଚେଷ୍ଟା କ୍ରମେ ସମ୍ବଲପୁର ସବ୍ ଜୋନ୍ ର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ, ସୁଖସମୃଦ୍ଧି ଓ କ୍ରୀଡ଼ା କାର୍ଯ୍ୟକ୍ରମ ହୋଇ ଆସୁଅଛି । ଏହି କ୍ରମରେ ବୁର୍ଲାର ଭୀମସାର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୭୦ ଜଣ ମେଡ଼ିକାଲ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ରାଜସ୍ଥାନର ପ୍ରଶିକ୍ଷିକା ବ୍ରହ୍ମାକୁମାରୀ ନିକିତା ଭଉଣୀ, ମନର ସରସତାପାଇଁ କେତେକ କୌଶଳ ପ୍ରଦର୍ଶନ କରିଥିଲେ । ରାଜସ୍ଥାନର ବ୍ରହ୍ମାକୁମାରୀ ଡକ୍ଟର ଗୀତା ଭଉଣୀ ଏଥିରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ଜି ଟୁଏଣ୍ଟି ଓ ୱାଇ ଟୁଏଣ୍ଟି କଣ ଓ ଏହାର ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀ ରାଜଯୋଗ ଅଭ୍ୟାସ କରାଇ ଥିଲେ । ବ୍ରହ୍ମା କୁମାର ବିଘ୍ନେସ୍ ଏକ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ । ଡାକ୍ତର ସ୍ୱାଗନ୍ ଶ୍ରୀ, ମଞ୍ଚ ପରିଚାଳନା କରିଥିଲେ ।

## ସୁବର୍ଣ୍ଣପୁରରେ ରକ୍ତଦାନ ଶିବିର

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପକ୍ଷରୁ ସ୍ଥାନୀୟ ସୋନପୁର କଲେଜ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ବିମଳେନ୍ଦୁ ରାୟ ଏହି ଶିବିରକୁ ଉଦଘାଟନ



କରିଥିଲେ । ଜିଲ୍ଲାପାଳ ଶ୍ରୀ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ନିଜେ ମଧ ଏହି ଅବସରରେ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରି ଅନ୍ୟ ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାର ସମସ୍ତ ସାମାଜିକ ଅନୁଷ୍ଠାନ ସମସ୍ତ କଲେଜ ଛାତ୍ରଛାତ୍ରୀ ନର୍ସିଂ ଛାତ୍ରୀ ସମୂହ ଓ ଲେଫ୍ଟାନେଣ୍ଟ ଆଶିଷ କୁମାର ଅଗ୍ରୱାଲାଙ୍କ ନେତୃତ୍ୱରେ ଏନସିସି ଛାତ୍ରଛାତ୍ରୀ ଏହି ଶିବିରରେ ରକ୍ତଦାନ ସହ ସମସ୍ତ ସହଯୋଗ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଏସପି ଅମରେଶ ପଣ୍ଡା, ଏଡିଏମ୍ ସୂର୍ଯ୍ୟ ନାରାୟଣ ଦାଶ, ସୋନପୁର କଲେଜ ଅଧକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ, ଡାକ୍ତର ଦୁର୍ଗାଦ ଦାଶ ପ୍ରମୁଖ ରକ୍ତଦାନର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସଭାକୁ ବରିଷ୍ଠ ସାମ୍ବାଦିକ ତଥା ସ୍ୱଚ୍ଛଭାରତ ସଂଯୋଜକ ମନୋରଞ୍ଜନ ତ୍ରିପାଠୀ ଓ ଜିଲ୍ଲା ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା ସଂଯୋଜନା କରିଥିଲେ । ଏହି ଅବସରରେ ଏକ ରଙ୍ଗାରଙ୍ଗ ମେଲୋଡ଼ି କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା ।

## ଜିଲ୍ଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା



ଝାରସୁଗୁଡ଼ା : ପଞ୍ଚପଡ଼ା ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଜିଲ୍ଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ସମାରୋହରେ ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ବିଧାୟିକା ଦୀପାଳି ଦାସ କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ସମଗ୍ର ଶିକ୍ଷା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହାୟତାରେ ଜିଲ୍ଲାରେ ପ୍ରାଥମିକ ଶିକ୍ଷାର ରୂପାନ୍ତରୀ କରଣ ତଥା ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ଓ ଲକ୍ଷ୍ୟ ପୂରଣ ଏବଂ ବର୍ଷ ୨୦୨୬-୨୭ ସୁଦ୍ଧା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ ପାଇଁ 'ଉଦିଆଁ ତାରା' ନାମକ ପ୍ରକଳ୍ପ ଜରିଆରେ ଜିଲ୍ଲାରେ ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ମାନ ରକ୍ଷା ପାଇଁ ଅଭିଯାନ ଆରମ୍ଭ ହୋଇଛି ।

## ସମ୍ବଲପୁର ଟାଉନ ଥାନାରେ ରକ୍ତଦାନ ଶିବିର

ସମ୍ବଲପୁର : ଟାଉନ ଥାନାରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ମୋଟ୍ ୧୦୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଏସ୍‌ଡିପିଓ ପ୍ରଦୀପ ସାହୁ ଏହି ଶିବିରକୁ ଉଦଘାଟନ କରିଥିବା ବେଳେ ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣ ଉପସ୍ଥିତ ଥିଲେ । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଡାକ୍ତର କଳ୍ପେସ କକ୍କଡ଼, ସନ୍ତୋଷ ଗୌଡ଼, କର୍ମଦେବ ପଟେଲ, ତାପସ ନାୟକ ଏବଂ ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ । ଟାଉନ ଥାନାର ଏସ.ଆଇ ଚିତ୍ତ ରଞ୍ଜନ ମେହେର ଏବଂ ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିବା ବେଳେ ତୁସାନ୍ତ ସାହୁ, ଅରୁଣ ମାଝୀ, ବରୁଣ ରାଉତ ଏବଂ ପ୍ରଶାନ୍ତ ବେହେରା ମଧ ସହଯାଗ କରିଥିଲେ । ହାବିଲଦାର ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଆୟୋଜନ କରାଯାଇଥିଲା ।

## ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ରକେଟ୍ରି ସମ୍ମିଳନୀ



ବୁର୍ଲା : ବୀର ସୁରେନ୍ଦ୍ର ସାଏ ସ୍ପେସ ଇନାଭେସନ୍ ସେଣ୍ଟର୍ ଦ୍ୱାରା ଇସ୍ରୋର ମିଳିତ ଆନୁକୂଲ୍ୟରେ ଭିସୁଟ୍‌ରେ 'ରକେଟ୍ରି, ସ୍ପେସ୍ ପ୍ରୋଗ୍ରାମ୍ ଏବଂ କୃଷି ଓ ସର୍ଭିଲାନ୍ସ ଡ୍ରୋନର ପ୍ରଦର୍ଶନ 'ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରୁ ବୃକ୍ଷରୋପଣ କରି ପରିବେଶ-ସଚେତନତା ପଦକ୍ଷେପ ସହିତ ଆରମ୍ଭ ହୋଇଥିଲା ଏହି ସେମିନାର୍ । ରକେଟ୍ରି ଏବଂ ସ୍ପେସ୍ ପ୍ରୋଗ୍ରାମ ଶୀର୍ଷକ ଏହି ଆଲୋଚନାଚକ୍ରରେ ମହାକାଶ ଗବେଷଣା ତଥା ରକେଟ୍ ଉତକ୍ଷେପଣ ସଂପର୍କିତ ଜ୍ଞାନକୌଶଳର ବିକାଶ ନେଇ ଆଲୋଚନା ହୋଇଥିଲା ।

ଇସ୍ରୋର କ୍ୟାପାସିଟି ବିଲଡିଂ ଆଣ୍ଡ ପବ୍ଲିକ୍ ଆଉଟରିଚ୍‌ର ନିର୍ଦ୍ଦେଶକ ଏନ୍. ସୁଧୀର କୁମାର, ଇସ୍ରୋର ଡାଇରେକ୍ଟର ସିବିପିଓ ନିଶାନ୍ତ କୁମାର, ପ୍ରୋଜେକ୍ଟ ସେଣ୍ଟରର ଡକ୍ଟର ଏମ୍.ଆର୍.କେ ମେନନ ଏବଂ ଅବସରପ୍ରାପ୍ତ ଏୟାର ଭାଇସ୍ ମାର୍ଶାଲ ସୁରେଶ ସିଂହ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ ।

ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝୀ ଏବଂ ଭିଏସ୍‌ଏସ୍‌ଆଇସିର କୋଅର୍ଡିନେଟର ଓ ଇଲେକ୍ଟ୍ରୋନିକ୍ସ ଏବଂ ଟେଲି ଯୋଗାଯାଗ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡକ୍ଟର ହରିଶ କୁମାର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ ।

ସେହିପରି ଶିଳ୍ପ ବିଶେଷଜ୍ଞମାନେ କୃଷିରେ ମହାକାଶ ପ୍ରଯୁକ୍ତିର ବର୍ତ୍ତମାନ ଏବଂ ଭବିଷ୍ୟତର ଦୃଶ୍ୟ ଉପରେ ଏକ ବିସ୍ତୃତ ବକ୍ତବ୍ୟରେ ସେମାନଙ୍କର ଅଭିଜ୍ଞତାକୁ ବାଣ୍ଟିଥିଲେ । ଏହି ଅବସରରେ ଭିସୁଟ୍‌ର ଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ସ୍ୱଦେଶୀ ଉପଗ୍ରହର ପ୍ରଦର୍ଶନ ସହ ଏନେଇ ଆଲୋଚନା ହୋଇଥିଲା । ଶେଷରେ ଡ଼କ୍ଟର ନୂତନ ସାହା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃଷି କାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା କିଷାନ୍ ଡ୍ରୋନ୍ ପ୍ରଦର୍ଶିତ ହୋଇଥିଲା । ଏହାର ଉଚ୍ଚମାନର ନିର୍ମାଣ ପାଇଁ ପାଓନିଓରିଂ ଡ୍ରୋନ୍ ଷ୍ଟାର୍ଟଅପ୍ ଦ୍ୱାରା ଏହାକୁ ସଂଯୋଗ କରାଯାଇଛି । ସୂଚନାଯୋଗ୍ୟ ଯେ, ଭିସୁଟ ଦ୍ୱାରା ବିକଶିତ କିଷାନ୍ ଡ୍ରୋନ୍ ନିର୍ମାଣ କରିବାକୁ ସମ୍ବଲପୁରରେ ଏରୋଏଗ୍ରୋ କଂପାନି ଏକ କାରଖାନା ସ୍ଥାପନ କରିବାକୁ ଘୋଷଣା କରି ସାରିଛି ।

## ସିଦ୍ଧାନ୍ତ ସହିତ ବୁଝାମଣା କରନ୍ତୁ ନାହିଁ

ଜୀବନର ନିଜର ସିଦ୍ଧାନ୍ତ ଥାଏ, ମୂଲ୍ୟ ଥାଏ । ଏହି ସିଦ୍ଧାନ୍ତ କାରଣରୁ ହିଁ ସାଧାରଣ ମନୁଷ୍ୟ ମଧ୍ୟରେ ଦିବ୍ୟ ଗୁଣ ବିକଶିତ ହୋଇଥାଏ । ମୂଲ୍ୟ ଅଭାବରେ ମନୁଷ୍ୟ ପଶୁତୁଲ୍ୟ ହୋଇଯାଏ । ପ୍ରତ୍ୟେକ ପରମାଣୁ, ଅଣୁ ଓ ତତ୍ତ୍ୱରୁ ନେଇ ଜଡ଼-ଚେତନ ଆଦି ସମସ୍ତଙ୍କର ନିଜ ନିଜର ସିଦ୍ଧାନ୍ତ ରହିଛି । ଏହି ସିଦ୍ଧାନ୍ତ କାରଣରୁ ହିଁ ସେମାନେ ନିଜର ମୌଳିକତା ବଜାୟ ରଖି ନିଜର ପ୍ରଭାବ ଦେଖାନ୍ତି ଏବଂ ନିଜର ଅସ୍ତିତ୍ୱ ଓ ଔଚିତ୍ୟ ସିଦ୍ଧ କରି ପାରିବାର ଏକ ପ୍ରଭାବଶାଳୀ ସାମର୍ଥ୍ୟ ରଖନ୍ତି ।

ଏହି କାରଣରୁ ମନୁଷ୍ୟ ବ୍ୟତୀତ ଅନ୍ୟ କୌଣସି ପ୍ରାଣୀ, ବସ୍ତୁ, ତତ୍ତ୍ୱ ବା ମିଶ୍ରଣର ଗୁଣ-ଧର୍ମ ଏବଂ ତାହାର ପ୍ରଭାବର ଶତ ପ୍ରତିଶତ ସତ୍ୟ ଓ ସଠିକ ବ୍ୟାଖ୍ୟା କରାଯାଇ ପାରେ । ଏକମାତ୍ର ମନୁଷ୍ୟ ଏହି ପୃଥିବୀରେ ଏପରି ଜୀବ, ଯିଏ ଜନ୍ମ ହେବା ଠାରୁ ନେଇ ଜ୍ଞାନ ହେବା ପର୍ଯ୍ୟନ୍ତ ନିଜର ଆତ୍ମସ୍ଥିତି ଓ ମୌଳିକତାରେ ଶୁଦ୍ଧ-ବୁଦ୍ଧ ରହିଥାଏ ଏବଂ ମନୁଷ୍ୟର ଖୋଳ ଓ ଚର୍ମରେ ଆବୃତ ରହିଥାଏ । ଟିକେ ଜ୍ଞାନ ହୋଇଯିବା ପରେ ସେ ସାରା ଜୀବନ ପାଇଁ ମନୁଷ୍ୟତାରୁ ମୁକ୍ତ ହୋଇଯାଏ ଏବଂ କେଉଁଠି କିଛି ବି କରିବା– କରାଇବା ସ୍ଥିତିକୁ ଆସିଯାଏ । ଯେତେବେଳେ ସେ ସଂସାରରେ ଆସକ୍ତ ହେବାରେ ଲାଗେ, ସେତେବେଳେ ତା' ଭିତରର ମନୁଷ୍ୟତ୍ୱ ପଳାୟନ କରେ, ମୌଳିକତାର କ୍ଷରଣ ଆରମ୍ଭ ହୋଇଯାଏ, ମାନବତାର କ୍ଷରଣର ସମସ୍ତ ରାସ୍ତା ଖୋଲିଯାଏ ଏବଂ ତାହା ସ୍ଥାନରେ ତା' ଭିତରେ ସେହି ସବୁ କିଛି ଭରିବା ଆରମ୍ଭ ହୋଇଯାଏ, ଯାହାକୁ ମନୁଷ୍ୟତାର ଦୃଢ଼ ବିରୋଧୀ ମନେ କରାଯାଏ ।

ଜଣେ ମନୁଷ୍ୟ ସେପର୍ଯ୍ୟନ୍ତ ମନୁଷ୍ୟ ହୋଇ ରହିପାରେ, ଯେପର୍ଯ୍ୟନ୍ତ ତା' ଭିତରେ ମନୁଷ୍ୟ ହେବାର ଗୁଣ-ଧର୍ମ ସଜାଇବାର ମୌଳିକତା ଥାଏ । ଏହି କାରଣରୁ ପୂରା ଦୁନିଆରେ ମନୁଷ୍ୟର ମନୋବୃତ୍ତି ଅନୁରୂପ ଅନେକ ଶ୍ରେଣୀ ହୋଇଯାଇଛି । ବହୁତ କମ୍ ସଂଖ୍ୟକ ଲୋକ ଜୀବନ ସାରା ନିଜର ମାନବୀୟ ଗୁଣ-ଧର୍ମକୁ ବଜାୟ ରଖି ପାରନ୍ତି । ଅଧିକାଂଶ ଲୋକ ଦେଶ, କାଳ ଓ ପରିସ୍ଥିତି ଅନୁରୂପ ନିଜର ସ୍ୱାର୍ଥ ଓ ଅହଂକାରକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଛାଞ୍ଚରେ ପଡ଼ିଯାନ୍ତି ।

ଅନେକ ଲୋକ ଏପରି ଅଛନ୍ତି, ଯେଉଁମାନେ ନିଜ ଭିତରର ମନୁଷ୍ୟତାକୁ ଫିଙ୍ଗିଦେଇ ଦୁଷ୍ଟତାକୁ ସ୍ୱୀକାର କରି ନିଅନ୍ତି ଏବଂ ସାରା ସଂସାର ପାଇଁ ମୃତ୍ୟୁ ପର୍ଯ୍ୟନ୍ତ ବିଷ ବ୍ରଣ ହୋଇ ରହନ୍ତି । ମନୁଷ୍ୟ ରୂପେ ଜନ୍ମ ନେବା ଯେତେ ସରଳ, ଜୀବନ ସାରା ମନୁଷ୍ୟତାକୁ ସମ୍ଭାଳି ରଖିବା ବା ମାନବୀୟ ସିଦ୍ଧାନ୍ତଗୁଡ଼ିକ ଉପରେ ଚାଲିବା ସେତେ ଦୁଷ୍କର । ଈଶ୍ୱରୀୟ ଅନୁକମ୍ପା ଓ ପୂର୍ବଜନ୍ମର ସଂସ୍କାରଗୁଡ଼ିକ ସହିତ ବଂଶାନୁଗତ ଚାରିତ୍ରିକ ଆନୁବଂଶିକ ଗୁଣ ଥିଲେ ହିଁ ମନୁଷ୍ୟ ନିଜେ ନିଜକୁ ମନୁଷ୍ୟ ରୂପେ ପ୍ରକଟ କରିପାରେ, ଅନ୍ୟଥା ଆମେ ଏପରି ବହୁତ ଲୋକଙ୍କୁ ଦେଖୁଥାଉ, ଯେଉଁମାନେ ଏପରି ସଜେଇ ହୋଇ ବାହାରନ୍ତି, ଏଭଳି ମଧୁର ଓ ଲୋଭନୀୟ କଥା କହନ୍ତି ଯେ ମନେହୁଏ ଯେପରି ସେମାନଙ୍କ ତୁଳନାରେ ଅନ୍ୟ କୌଣସି ମହାନ୍ ମନୁଷ୍ୟ ମିଳିବା ସମ୍ଭବ ନୁହେଁ, କିନ୍ତୁ ଯେତେବେଳେ ଆମେ ଏମାନଙ୍କର ମାନବୀୟ ଗୁଣ-ଧର୍ମକୁ ଖୋଜିଥାଉ ସେତେବେଳେ ଘୋର ନିରାଶା ହେବାକୁ ପଡ଼େ ।

ଆଜିକାଲି ଯିଏ ଯେପରି ଦେଖାଯାଏ– ଦେଖେଇ ହୁଏ, ସେ ସେପରି ହୋଇ ନ ଥାଏ । ଅଧିକାଂଶ ଲୋକ ଭିତରେ- ବାହାରେ ଆକାଶ-ପାତାଳ ଅନ୍ତରରେ ଭରି ରହିଥାନ୍ତି । ଏହି ସ୍ଥିତି ତଥାକଥିତ କୁଳୀନ ଲୋକଙ୍କର ଆଭୂଷଣ ହୋଇଯାଇଛି, ଯାହା ସାହାଯ୍ୟରେ ସେମାନେ ସାରା ଦୁନିଆରେ ନିଜେ ନିଜକୁ ଶ୍ରେଷ୍ଠତମ ଓ ମହାନ୍ ସାବ୍ୟସ୍ତ କରିବାର ସମସ୍ତ ପ୍ରୟତ୍ନ କରିଥାନ୍ତି । ସେମାନେ ଲୋକଙ୍କୁ ଭ୍ରମିତ କରିବାର ଯାବତୀୟ ଷଡ଼ଯନ୍ତ୍ରର ସାହାଯ୍ୟ ନେଇ ବହୁରୂପୀ ଓ ସୁଆଙ୍ଗକାରୀଙ୍କୁ ବି ପଛରେ ପକାଇଦେବାର ଚମତ୍କାର କୌଶଳ ଦେଖାଇ ଥାଆନ୍ତି । ବାସ୍ତବରେ ଦେଖିବାକୁ ଗଲେ ପୂରା ଦୁନିଆର ମନୁଷ୍ୟମାନଙ୍କୁ ସ୍ପଷ୍ଟ ରୂପେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ– ସିଦ୍ଧାନ୍ତହୀନ ଓ ସିଦ୍ଧାନ୍ତବାଦୀ । ଏକମାତ୍ର ସିଦ୍ଧାନ୍ତ ହିଁ ମନୁଷ୍ୟକୁ ମନୁଷ୍ୟ କରି ରଖୁଥାଏ ଓ ପୃଥିବୀର ସଞ୍ଚାଳନରେ ସହାୟକ ହୋଇଥାଏ ।

ସିଦ୍ଧାନ୍ତହୀନ ମନୁଷ୍ୟ ମାନବତା ସକାଶେ ଅଭିଶାପ ଏବଂ ଜଗତ ପାଇଁ ଘାତକ ମଧ; କାରଣ ଏମାନଙ୍କର ପୂରା ଜୀବନ ସ୍ୱାର୍ଥ ପାଇଁ ସମର୍ପିତ ହୋଇଥାଏ । ସ୍ୱାର୍ଥ ପୂରଣ ପାଇଁ ଏମାନେ ଯେକୌଣସି ସୀମା ପର୍ଯ୍ୟନ୍ତ ଯାଇ ପାରନ୍ତି, ନିଜକୁ ଉଚ୍ଚ ଦେଖାଇବା ପାଇଁ କାହାରିକୁ ବି ତଳେ ପକାଇଦେଇ ପାରନ୍ତି ଏବଂ ନିଜକୁ ଉଚ୍ଚକୁ ଉଠାଇବା ପାଇଁ ଯେକୌଣସି ସୀମା ପର୍ଯ୍ୟନ୍ତ ଖସିଯାଇ ପାରନ୍ତି । ଅନ୍ୟମାନଙ୍କ ସାମନାରେ ସବୁ ଲାଜ ଶରମ ଛାଡ଼ି ଏମାନେ ନିର୍ଲଜ ଭାବରେ ଛାଇଯାନ୍ତି । ସିଦ୍ଧାନ୍ତ ବିଷୟରେ କେବେ କୌଣସି ବୁଝାମଣା କରାଯାଇ ନ ପାରେ । ସିଦ୍ଧାନ୍ତର ଶତ ପ୍ରତିଶତ ପାଳନ କରାଯିବା ଅଥବା ସିଦ୍ଧାନ୍ତହୀନତାର ଅନୁଗମନ କରିବା । ମନୁଷ୍ୟ ପାଞ୍ଚ– ଦଶ ପ୍ରତିଶତ କୌଣସି ସିଦ୍ଧାନ୍ତକୁ ମାନି ନିଜେ ନିଜକୁ ସିଦ୍ଧାନ୍ତବାଦୀ ସିଦ୍ଧ କରିବା ସମ୍ଭବ ନୁହେଁ । କୌଣସି ଅଂଶରେ ସିଦ୍ଧାନ୍ତର କ୍ଷରଣ ମନୁଷ୍ୟକୁ ସିଦ୍ଧାନ୍ତହୀନତା ଶ୍ରେଣୀରେ ଆଣି ଠିଆ କରିଥାଏ । ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଦୁର୍ଭାଗ୍ୟ ହେଉଛି, ମନୁଷ୍ୟ ମୁଖା ସଂସ୍କୃତିର ଆଡ଼ମ୍ବରକୁ ଗ୍ରହଣ କରି ନେଇଛି । ଯେଉଁଠି ତା'ର କୌଣସି ସ୍ୱାର୍ଥ ସିଦ୍ଧ ହେବାର ଥାଏ, ସେଠାରେ ସିଦ୍ଧାନ୍ତଗୁଡ଼ିକୁ ଏଡ଼ାଇ ଦେଇ ଆଗକୁ ବଢ଼ିଯାଏ । ଯେଉଁଠି ତାକୁ କୌଣସି କାମ କରିବାର ନ ଥାଏ, ସେଠାରେ ସେ ଏପରି ବ୍ୟବହାର କରିବାରେ ଲାଗେ ଯେପରିକି ତା' ପରି ଅନ୍ୟ କୌଣସି ଶ୍ରେଷ୍ଠ ମନୁଷ୍ୟ ସଂସାର ଯାକରେ କେଉଁଠି ନାହାନ୍ତି । ଯେଉଁ ମନୁଷ୍ୟ ଥରେ ନିଜର ଜୀବନମୂଲ୍ୟ ଛାଡ଼ିଦିଏ, ସେ ଦୁର୍ଘଟଣାଗ୍ରସ୍ତ ହୋଇ ଲାଇନଚ୍ୟୁତ ରେଳଗାଡ଼ି ଭଳି ହୋଇଯାଏ, ତା'ଠାରୁ ଦ୍ୱିତୀୟ ଥର ମନୁଷ୍ୟତାର ଆଶା କରିବା ଏକଦମ ବ୍ୟର୍ଥ ।

ମୂଲ୍ୟଗୁଡ଼ିକ ପରିତ୍ୟାଗର ସିଧା ଅର୍ଥ ହେଉଛି ମନୁଷ୍ୟତା ଠାରୁ ଦୂରେଇ ଯିବା । ଯିଏ ସିଦ୍ଧାନ୍ତ ଛାଡ଼ିଦିଏ, ସେ କୌଣସି ସମ୍ବନ୍ଧ, ବନ୍ଧୁତା ରଖେ ନାହିଁ ବା ସେବା-ପରୋପକାର କାର୍ଯ୍ୟ କରିପାରେ ନାହିଁ; କାରଣ ତା' ଜୀବନର ଏକମାତ୍ର ଲକ୍ଷ୍ୟ ସ୍ୱାର୍ଥସିଦ୍ଧି ହୋଇଯାଏ । ଏଭଳି ମନୁଷ୍ୟ ଉପରେ ଭରସା କରିବା ମୂର୍ଖତା ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି କାରଣରୁ ମୂଲ୍ୟହୀନ ଲୋକଙ୍କର କୌଣସି ସ୍ଥାୟୀ ସମ୍ପର୍କୀୟ ବା ବନ୍ଧୁ ରହି ପାରନ୍ତି ନାହିଁ । ଏହି ଲୋକମାନେ ଯେତେବେଳେ କୌଣସି ସ୍ୱାର୍ଥ ସିଦ୍ଧ କରିବାର ଥାଏ ସେତେବେଳେ କାହା ସହିତ ବି ହାତ ମିଶାଇ ପାରନ୍ତି, କାହାର ବି ଗୋଡ଼ ଧରି ପାରନ୍ତି ଏବଂ ଯେକୌଣସି ଭୁଲ-ଠିକ୍ କାମ କରି ପାରନ୍ତି । ସିଦ୍ଧାନ୍ତହୀନଙ୍କ ସକାଶେ ବିଶ୍ୱାସଘାତ, ମିତ୍ରଦ୍ରୋହ, ରାଷ୍ଟ୍ରଦ୍ରୋହ, ବିଘ୍ନସନ୍ତୋଷ ଓ ନିଜର ମାମୁଲି ଲାଭ ସକାଶେ ଅନ୍ୟମାନଙ୍କ ଜୀବନ ମଧ ନଷ୍ଟ କରିଦେବାର ନକାରାତ୍ମକ ମାନସିକତା ସାଧାରଣ କଥା । ଏପରି ନକାରାତ୍ମକ ଲୋକଙ୍କୁ ମନୁଷ୍ୟଙ୍କ ଶ୍ରେଣୀରୁ ପୃଥକ୍ ମାନି ବ୍ୟବହାର କରନ୍ତୁ, ଏମାନଙ୍କର ଉପେକ୍ଷା କରନ୍ତୁ, ଏମାନଙ୍କ ସହିତ ସମ୍ପର୍କ ରଖନ୍ତୁ ନାହିଁ ଏବଂ ଏମାନଙ୍କ ସହିତ ବାର୍ତ୍ତାଳାପ କରିବାରୁ ଦୂରେଇ ରହନ୍ତୁ । ଏହି ଲୋକଙ୍କ ସାହାଯ୍ୟ ହିଁ ମହାନ୍ ପାତକ ହୋଇଥାଏ ।

ଜୀବନରେ ଆନନ୍ଦ ପାଇବାକୁ ଚାହୁଁଥିଲେ ଏପରି ଲୋକଙ୍କ ଠାରୁ ଦୂରେଇ ରହନ୍ତୁ; କାରଣ ପିଠି ପଛରେ ଆକ୍ରମଣ କରୁଥିବା ଏପରି ଷଡ଼ଯନ୍ତ୍ରକାରୀ ଲୋକେ ହିଂସ୍ର ପଶୁ ଓ କ୍ରୂର ଅସୁରଙ୍କ ଠାରୁ ବି ଅଧିକ ଘାତକ ହୋଇଥାନ୍ତି । ପୃଥିବୀ ଏହି ଲୋକଙ୍କ ଭାର ଯୋଗୁଁ ଭୟଭୀତ ଥାଏ । ଏହି ଲୋକଙ୍କ ସଂଖ୍ୟା ଏତେ ଅଧିକ ପରିମାଣରେ ବଢ଼ିଯାଇଛି ଯେ ପୃଥିବୀରେ ଅନ୍ଧକାର ଅଧିକ ସଘନ ହୋଇଯାଇଛି । ପୃଥିବୀରେ ଯେତେବେଳେ ଅନ୍ଧକାର ବଢ଼ିଥାଏ ତ ଏପରି ନକାରାତ୍ମକ ଲୋକଙ୍କ ସଂଖ୍ୟା ବହୁଳ ଭାବରେ ବୃଦ୍ଧି ପାଇଯାଏ । ଏଣୁ ଏହାର ସମାଧାନ ହେଉଛି, ଆମେ ପ୍ରକୃତରେ ପୃଥିବୀର ଅନ୍ଧକାର ଦୂର କରିବା ଏବଂ ଏପରି ଲୋକଙ୍କୁ ଉପେକ୍ଷିତ କରିଦେବା ।

## ଦୁର୍ଲଭ ମାନବ ଶରୀର

ସଂସାରରେ ଏପରି ଅସଂଖ୍ୟ ଲୋକ ଅଛନ୍ତି, ଯେଉଁମାନେ ଅନ୍ୟମାନଙ୍କର ସେବା ସହାୟତା କରନ୍ତି ଏବଂ ଧନ୍ୟବାଦର ପାତ୍ର ହୁଅନ୍ତି, କିନ୍ତୁ ଆମେ କ'ଣ କେବେ ଏ ଉପରେ ବିଚାର କରିଛେ, ଚିନ୍ତନ କରିଛେ, ମନନ କରିଛେ ଯେ କାହା ଦ୍ୱାରା ଜଳ ପାଇ ବା ଅନ୍ୟ ବସ୍ତୁ, ସହଯୋଗ ବା ସେବା ପାଇ ଆମେ ସେହି ବ୍ୟକ୍ତିକୁ ତ ହୃଦୟରୁ ସାଧୁବାଦ କହିଥାଉ, କିନ୍ତୁ ଆମେ କ'ଣ କେବେ ସେହି ପରମାତ୍ମାଙ୍କୁ ଧନ୍ୟବାଦ କହିଛେ, ଯିଏ ଆମକୁ ଏତେ ଅମୂଲ୍ୟ ମନୁଷ୍ୟ ଶରୀର ଦେଇଛନ୍ତି, ମାନବ ଜୀବନ ଦେଇଛନ୍ତି ।

ମନୁଷ୍ୟ ଶରୀର ହିଁ ସେହି ସାଧନ, ଯାହା ଦ୍ୱାରା ଆମେ ମୋକ୍ଷ, ମୁକ୍ତି, ନିର୍ବାଣ, କୈବଲ୍ୟ, ସମାଧି, ସିଦ୍ଧି, ଆତ୍ମସାକ୍ଷାତ୍କାର, ଈଶ୍ୱର ସାକ୍ଷାତ୍କାର, ପରମ ଆନନ୍ଦ ଆଦି ପ୍ରାପ୍ତ କରି ପାରିବା । ମନୁଷ୍ୟ ଶରୀରରେ ହିଁ ଆମେ ଶିଳ୍ପପତି, ଚିକିତ୍ସକ, ଗୀତକାର, କଳାକାର ଆଦି ହୋଇ ପାରନ୍ତି । ଏଥିପାଇଁ କ'ଣ କେବେ ପରମାତ୍ମାଙ୍କୁ ଆମେ ପ୍ରକୃତରେ ହୃଦୟରୁ ଧନ୍ୟବାଦ କହିଛୁ ?

ବନ-ଉପବନ, ପର୍ବତ, ଉଦ୍‌ବେଳିତ ନଦୀ, ପ୍ରସ୍ଫୁଟିତ ରଙ୍ଗ ବେରଙ୍ଗର ପୁଷ୍ପ, ସାଗରରେ ଉଠୁଥିବା ଲହରୀ, ଆକାଶରେ ଚମକୁଥିବା ତାରାଗଣ, ପୂରା ବସୁନ୍ଧରାକୁ ନିଜର କିରଣରେ ସ୍ନାନ କରାଇ ଦେଉଥିବା ପୂର୍ଣ୍ଣିମାର ରାତି ଓ ଉଷାକାଳୀନ ସୂର୍ଯ୍ୟଙ୍କ ଅନୁପମ ସୌନ୍ଦର୍ଯ୍ୟକୁ ଦେଖି ଆମକୁ ଯେଉଁ ଆତ୍ମିକ ଆନନ୍ଦର ଅନୁଭବ ହୋଇଥାଏ, ସେଥିପାଇଁ ପରମାତ୍ମାଙ୍କୁ ଆମେ କେତେ ଥର ଓ କିପରି ଧନ୍ୟବାଦ କହିବା ? ଅନ୍ଧକାର ସମାପ୍ତ କରି ଜଗତକୁ ନିଜର ଆଲୋକରେ ଭରି ଦେଉଥିବା ଭଗବାନ ସୂର୍ଯ୍ୟଙ୍କ ପାଇଁ ଆମେ ସେହି ପରମାତ୍ମାଙ୍କୁ କିପରି ଓ କେତେ ଥର ଧନ୍ୟବାଦ କହିବା ।

ମନୁଷ୍ୟର ଜୀବନଯାପନ ଓ ସ୍ୱାସ୍ଥ୍ୟ ପାଇଁ ବିବିଧ ପ୍ରକାରର ଫଳ, ପନିପରିବା, ଅନ୍ନ, ଜଳ, ବାୟୁ, ଔଷଧୀୟ ବୃକ୍ଷ ଆଦି ମନୁଷ୍ୟ ସକାଶେ ପରମାତ୍ମାଙ୍କର ଅନୁଦାନ-ଅନୁଗ୍ରହ । ଯେଉଁ ପରମାତ୍ମା ଆମ ପାଇଁ ଏତେ ସୁନ୍ଦର ଦୁନିଆ ରଚନା କରିଛନ୍ତି, ତାଙ୍କୁ ଆମେ ଧନ୍ୟବାଦ ଜ୍ଞାପନ କରିବା ତ କିପରି କରିବା ? ସତରେ ଏପରି ଯାବତୀୟ ଅନୁଦାନ- ଅନୁଗ୍ରହ ସକାଶେ ପରମାତ୍ମାଙ୍କ ପ୍ରତି ଆମେ କୃତଜ୍ଞ ହେବା ଉଚିତ । ପୁଣି ପରମାତ୍ମା ଆମକୁ ସବୁ ପ୍ରାଣୀ ଓ ଜୀବଧାରୀଙ୍କ ମଧ୍ୟରେ ସବୁଠାରୁ ଶ୍ରେଷ୍ଠ ଓ ସୁନ୍ଦର କରି ନିଜର ଉତ୍ତରାଧିକାରୀ କରିଛନ୍ତି, ଏସବୁ ନିମନ୍ତେ ଆମେ ପରମାତ୍ମାଙ୍କ ପ୍ରତି କୃତଜ୍ଞତାର ଭାବ ପ୍ରକଟ କରିବା ତ କିପରି କରିବା ?

ବାସ୍ତବରେ ଶାସ୍ତ୍ରଗୁଡ଼ିକରେ ବର୍ଣ୍ଣିତ ଈଶ୍ୱରୀୟ ଅନୁଶାସନ, ମର୍ଯ୍ୟାଦା ଆଦିର ପାଳନ କରି ହିଁ ଈଶ୍ୱରଙ୍କ ପ୍ରତି ଆମେ ନିଜର କୃତଜ୍ଞତା ପ୍ରକଟ କରି ପାରିବା । କେବଳ ଶବ୍ଦଗୁଡ଼ିକ ଦ୍ୱାରା କୃତଜ୍ଞତାର ଭାବ ପ୍ରକଟ କରାଯାଇ ନ ପାରେ । ଠିକ୍ ଯେମିତି କାନ୍ଦଣା କାନ୍ଦିକରି ତ ଦେଖାଯାଇ ପାରେ, ଶୁଣାଯାଇ ପାରେ । ଗୀତ ତ ଗାଇକରି ହିଁ ଶୁଣା ଯାଇପାରେ । ସେହିପରି କେବଳ କୃତଜ୍ଞତା, ଧନ୍ୟବାଦ, ସାଧୁବାଦ ଆଦି ଶବ୍ଦର ଉଚ୍ଚାରଣ ମାତ୍ର କରିଦେଲେ ଈଶ୍ୱରଙ୍କ ପ୍ରତି ଆମର କୃତଜ୍ଞତା ପୂର୍ଣ୍ଣ ହୋଇଯାଏ ନାହିଁ, ପ୍ରକଟ ହୋଇ ନ ପାରେ । ଈଶ୍ୱରଙ୍କ ପ୍ରତି ନିଜର କୃତଜ୍ଞତା ପ୍ରକଟ କରିବା ପାଇଁ ତ ଆମେ ଈଶ୍ୱରଙ୍କୁ ନିଜ ଜୀବନରେ ଜିଇବାକୁ ପଡ଼ିବ ।

ଈଶ୍ୱରୀୟ ଅନୁଶାସନକୁ ନିଜ ଜୀବନରେ ଜିଇବାକୁ ହେବ । ସତ୍-ଚିତ୍-ଆନନ୍ଦସ୍ୱରୂପ ଈଶ୍ୱରଙ୍କୁ ନିଜ ଆତ୍ମାରେ ପ୍ରକଟ କରିବାକୁ ହେବ । ଈଶ୍ୱରଙ୍କ ଅଂଶ ହେବା କାରଣରୁ ଆମକୁ ମଧ ଆମର ବାସ୍ତବିକ ସତ୍-ଚିତ୍-ଆନନ୍ଦ ସ୍ୱରୂପକୁ ପାଇବାକୁ ହେବ ।

ଈଶ୍ୱରଙ୍କ ଅନୁଶାସନକୁ ନିଜ ଜୀବନରେ ଜିଇ ଆମେ ଈଶ୍ୱରଙ୍କର ସଚ୍ଚା ଉତ୍ତରାଧାରୀ, ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ରାଜକୁମାର ହୋଇ ପାରିବା । ପ୍ରତ୍ୟେକ ଶ୍ରେଷ୍ଠ ପିତାଙ୍କର ଇଚ୍ଛା ଥାଏ ଯେ ମୋର ସନ୍ତାନ ମୋ ଠାରୁ ଶ୍ରେଷ୍ଠ ହେଉ । ଈଶ୍ୱର ହେଉଛନ୍ତି ପରମପିତା ।

ସେଥିପାଇଁ ଆମ ଆତ୍ମାରେ ବୀଜ ରୂପେ ଈଶ୍ୱରତ୍ୱ ପ୍ରଦାନ କରିଛନ୍ତି, କିନ୍ତୁ ସେହି ବୀଜରେ ଯେପରି ଅଙ୍କୁରଣ ହୋଇ ପାରିବ, ସେହି ବୀଜରେ ସୁଷୁପ୍ତାବସ୍ଥାରେ ବ୍ୟାପ୍ତ ଈଶ୍ୱରତ୍ୱ ଯେପରି ଜାଗ୍ରତ ହୋଇ ପାରିବ, ସେଥି ନିମନ୍ତେ ଆମକୁ ଶାସ୍ତ୍ରଗୁଡ଼ିକରେ ବର୍ଣ୍ଣିତ ଜ୍ଞାନ, କର୍ମ, ଭକ୍ତି, ସ୍ୱାଧାୟ, ସେବା ଆଦି ଯୋଗ ସାଧନାଗୁଡ଼ିକର ନିରନ୍ତର ଅଭ୍ୟାସ କରିବାକୁ ହେବ । ସେହି ଯୋଗ ସାଧନାଗୁଡ଼ିକର ନିରନ୍ତର ଅଭ୍ୟାସ ଦ୍ୱାରା ହିଁ ଆମେ ନିଜ ଭିତରେ ଈଶ୍ୱରତ୍ୱକୁ ଜାଗ୍ରତ କରି ପାରିବା ।

ଆମେ ନିଜ ଭିତରେ କରୁଣା, ପ୍ରେମ, ସଂବେଦନା ଆଦି ଦିବ୍ୟ ଭାବଗୁଡ଼ିକୁ ଜାଗ୍ରତ କରି ପାରିବା । ତାହେଲେ ଆମେ ନିଜ ଭିତରେ ସୁପ୍ତ ଦେବତ୍ୱକୁ ଜାଗ୍ରତ କରି ପାରିବା ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

### ଆଜିର ଚିନ୍ତନ

ତ୍ରେତୟା ଯୁଗର ଜଣେ ହିଁ ଏକମାତ୍ର ଅଦମ୍ୟ ଅପରାଜେୟ ବୀର ଥିଲେ । ତାଙ୍କର ଦୃଷ୍ଟି ଯାହା ଉପରେ ପଡୁଥିଲା ତାହାର ଅର୍ଦ୍ଧେକ ବଳ ସେହି ବୀରଙ୍କୁ ପ୍ରାପ୍ତ ହେଉଥିଲା । କିଷ୍କିନ୍ଧ୍ୟାର ରାଜା ପ୍ରବଳ ପରାକ୍ରମୀ ବାନରରାଜ ବାଳୀ । ସତୀ ତାରାଙ୍କ ସ୍ୱାମୀ ଏବଂ ଯୁବରାଜ ଅଙ୍ଗଦଙ୍କ ପିତା । ତେବେ ସପ୍ତତାଳ ଭେଦକରି ଶ୍ରୀରାମ ମିତ୍ର ସୁଗ୍ରୀବଙ୍କୁ ଯେଉଁ ବଚନ ଦେଇଥିଲେ ତାକୁ ରଖିବା ପାଇଁ ଶେଷଥର ପାଇଁ ଚେଷ୍ଟା କରି ସଫଳ ହେଲେ, ଆଉ ନିଜର ତୀକ୍ଷଣ ଏବଂ ମନ୍ତ୍ରପୂତ ନାରାଚରେ ବାଳୀକୁ ବଧ କଲେ । ବାଳୀ ମୃତ୍ୟୁ ସମୟରେ ଶ୍ରୀରାମଙ୍କ ଦର୍ଶନ କରି ବୈକୁଣ୍ଠ ପ୍ରାପ୍ତି ହେଲେ । ମାତ୍ର ସତୀ ତାରା ଏ ଖବର ପାଇ ଦଉଡ଼ି ଆସିଲେ । ନିଜ ସ୍ୱାମୀଙ୍କ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ସତୀ ତାରା ଭଗବାନ ଶ୍ରୀରାମଙ୍କୁ ପଚାରିଲେ– "କୁହନ୍ତୁ ପ୍ରଭୁ ମୋ ସ୍ୱାମୀ କି ଦୋଷ କରିଥିଲେ ଯେ ଆପଣ ତାଙ୍କୁ ବଧ କଲେ ? ମୁଁ ଜଣେ ସତୀନାରୀ ଆପଣ କ'ଣ ଜାଣି ନାହାଁନ୍ତି ? ଜଣେ ସତୀନାରୀର ମଥାରେ ସଧବା ସିନ୍ଦୂର ସବୁବେଳେ ରହିବା ଉଚିତ । ଆପଣ କ'ଣ ଏକଥା ଭୁଲିଗଲେ ପ୍ରଭୁ ? ଶ୍ରୀରାମ ସ୍ମିତ ହସି କହିଲେ- ମା' ମୁଁ ଆପଣଙ୍କ କଥା ବୁଝିପାରୁଛି । କିନ୍ତୁ ଅଧର୍ମୀ ଓ ଅନ୍ୟାୟୀ ବାଳୀଙ୍କୁ ବଧ କରିବା ଶାସ୍ତ୍ର ଏବଂ ନୀତିନିୟମ ସମ୍ମତ ଅଟେ । ମୁଁ ବାଳୀ ବଧ କରି ମୋ ମିତ୍ରଧର୍ମ ପାଳନ କରିଛି । ମୁଁ ଦେଇଥିବା ବଚନ ମଧ ରଖୁଛି । ତହୁଁ ସତୀନାରୀ ତାରା ପଚାରିଲେ- କେଉଁ ଅନ୍ୟାୟ କଥା କହୁଛନ୍ତି ଆପଣ ? ଶ୍ରୀରାମ ହାତଯୋଡ଼ି କହିଲେ- ମା' ଯେଉଁ ପୁରୁଷ ନିଜ ଭାଇର ଧର୍ମପତ୍ନୀ, ଭଉଣୀ, ପୁତ୍ରବଧୂ ଏବଂ ନିଜ ଝିଅ ଏପରି ଚାରି କନ୍ୟାଙ୍କ ପ୍ରତି କୁଦୃଷ୍ଟି ପକାଇଥାଏ ସେହିପରି ନରାଧମର ବଧ କରିବା ଅନ୍ୟାୟୋଚିତ ତଥା ଦୋଷାବହ ନୁହେଁ । ତେଣୁ ହେ ମାତା, ବାଳୀଙ୍କୁ ବଧ କରି ମୁଁ କିଛି ପାପ କରିନାହିଁ । ତେଣୁ ତୁଳସୀ ଦାସ କଲମ କରିଛନ୍ତି ଅନୁଜ ବଧୂ ଭଗିନୀ ସୁତ ନାରୀ, ସ୍ନାନ ଷଠ ସମ କନ୍ୟା ଏ ଚାରି । ଇନ୍‌ହିକେ କୁ--ଦୃଷ୍ଟି ବିଲାପଇ ଜାଇ, ତାକେ ବଧେ କଛୁ ପାପ ନ ହୋଇ" ।

ବର୍ଷ ୨୭, ସଂଖ୍ୟା- ୩୩, ୧୩ - ୧୯ ଅଗଷ୍ଟ ୨୦୨୩

# ବିଶ୍ୱ ସମସ୍ୟା

**ବି**ଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି । ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ । ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି । ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି । ପ୍ଲାଷ୍ଟିକ, ଇଲେକ୍ଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧମରେ ଏହି ଚମତ୍କାରିତା ଶୀର୍ଷରେ ଉପନୀତ ହୋଇଛି । ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଙ୍କଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମୀୟ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ । ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି । ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା । ଏହାର ପ୍ରକୃତ କାରଣ କ'ଣ ? ଧର୍ମ ଏବଂ ନୈତିକତାପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି ?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି । ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି । ଅସଂଖ୍ୟ ଯୁଦ୍ଧ ହୋଇଛି । ତେବେ ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ କୌଣସି ସଙ୍କେତ ମିଳୁନାହିଁ । ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଞ୍ଚାର କରୁଛି । ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି । ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ । ଯଦି ହୁଏ ତା'ହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା । ଆମର ରାଷ୍ଟ୍ର ଏବଂ ବିଶ୍ୱରେ ମଧ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ । ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ । ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ । ପବିତ୍ରତା ଅଙ୍କୁରିତ ହେବା ଉଚିତ । ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧମରେ ସାର୍ଥକତା ଲାଭ ହୋଇପାରିବ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସମ୍ପଦ ସଂଗ୍ରହ ଓ ସଞ୍ଚୟ ସମ୍ପର୍କରେ ଗଭୀର ଆସ୍ଥାବାନ । ସେ ତ୍ୟାଗ କରି ଜାଣେ ନାହିଁ । ସତ୍ୟ ଉପରେ ତା'ର ଆସ୍ଥା ନାହିଁ । ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ । ମାତ୍ର ସତ୍ୟ ଉପଲବ୍ଧି ପାଇଁ ତା'ର ଆଗ୍ରହ ନାହିଁ । ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ । ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା । ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ । ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନ ଥିଲା ଏବଂ ମୃତ୍ୟୁ ପରେ ମଧ ଏହା ଏଠାରେ ରହିବ ନାହିଁ । ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ ସମୟ ପ୍ରଭାବରୁ ମୁକ୍ତ ନୁହେଁ, ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ । ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ । ନିଜ ମଧ୍ୟରେ ଥିବା ଅମରତ୍ୱ ସମ୍ପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ । ନୈତିକ ସ୍ତର ସହିତ ସମ୍ପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ । ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି । ପ୍ରକୃତି ବା ଆତ୍ମାଠାରୁ ସେମାନେ ଦୂରେଇ ଯାଆନ୍ତି । ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି । ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିହୁଏ ହେଲେ ନିଚ୍ଛକ ସୁଖ ମିଳିବ ନାହିଁ । ମଣିଷମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି । ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି । ଆକର୍ଷଣୀୟ ମିଠା ଅଙ୍ଗୁର ପେନ୍ଥା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଭକ୍ତ । ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବ ନାହିଁ ।

# କଫି ପିଇଲେ ଦର୍ଘାୟୁ ହେବେ

**ପ୍ର**ତିଦିନ କଫି ପିଉଥିବା ବ୍ୟକ୍ତିଙ୍କ ପାଇଁ ଖୁସି ଖବର । ଯେଉଁମାନେ ପ୍ରତିଦିନ ୭ ରୁ ୮ କପ୍ କଫି ପିଉଛନ୍ତି ସେମାନେ ଦୀର୍ଘାୟୁ ହେବେ । ୭ ରୁ ୮ କପ୍ ପିଇଲେ ୧୬ ପ୍ରତିଶତ ଏବଂ ୮ ରୁ ଅଧିକ କପ୍ କଫି ପିଇଲେ ୧୪ ପ୍ରତିଶତ ଅକାଳ ମୃତ୍ୟୁର ଆଶଙ୍କା କମ୍ ହୋଇଥାଏ ବୋଲି ଗବେଷଣାରୁ ଜଣାପଡିଛି । ଯେକୌଣସି ପ୍ରକାର ଇନଷ୍ଟାଣ୍ଟ, ଫିଲଟରେଡ ଓ ଡିକାଫେନେଟେଡ୍ କଫି ହେଉ ସେଥିରେ କିଛି ଫରକ ନାହିଁ ।



# ମୋ'ର ଅସଙ୍ଗତିଗୁଡିକ

## ମହାତ୍ମା ଗାନ୍ଧୀ



**ଆ**ଗରୁ କେଉଁ କଥା କିପରି ହୋଇଥିଲା ବା କିପରି ରୀତିରେ ସେସବୁ ହେଉଥିଲା, ଏକ ନୈତିକ ଭୂମି ଉପରେ ମୁଁ ତାହାକୁ ବୁଝି ପାରୁ ନଥିଲି ଅଥବା ସମର୍ଥନ କରି ପାରୁନଥିଲି । ଅନ୍ଧଭାବରେ ସେଗୁଡ଼ିକର ଅନୁସରଣ କରିବାକୁ କଦାପି ସମ୍ମତ ହେବିନାହିଁ ।

ମୋ' ଜୀବନର ଅନେକ ଅନେକ ଅସଙ୍ଗତିକୁ ମୁଁ ଅବଶ୍ୟ ସ୍ୱୀକାର କରିବି । ମାତ୍ର, ମୋତେ 'ମହାତ୍ମା' ବୋଲି କୁହାଯାଉଥିବାରୁ, 'ନିର୍ବୋଧଙ୍କ ପରି ଅସଙ୍ଗତି ରକ୍ଷା କରିବାର ଅଭ୍ୟାସଟି କ୍ଷୁଦ୍ର ମସ୍ତିଷ୍କଥିବା ବ୍ୟକ୍ତିମାନଙ୍କ ଜୀବନରେ ଭୂତପରି ହୋଇ ରହିଥାଏ' ବୋଲି ଏମରସନ୍ ଏକଦା କହିଥିବା କଥାଟିକୁ ମୁଁ ହୁଏତ ଆପଣାର ସମର୍ଥନ ଜଣାଇପାରିବି । ମୁଁ ଅବଶ୍ୟ ଭାବୁଛି ଯେ ମୋ'ର ଅସଙ୍ଗତି ଗୁଡ଼ିକରେ ତଥାପି ଏକ ସଙ୍ଗତି ପଦ୍ଧତି ରହିଛି । ମୋ' ମତରେ ବାହାରକୁ ସେହିପରି ଲାଗୁଥିବା ମୋ'ର ଅସଙ୍ଗତି ଗୁଡ଼ିକରେ ଏକ ସଙ୍ଗତି ସବୁବେଳେ ବିଦ୍ୟମାନ ରହିଛି । ବାହାରକୁ ବହୁ ବିଚିତ୍ର ବୋଲି ଲାଗୁଥିବା ପ୍ରକୃତି ମଧ୍ୟରେ ତଥାପି ଯେପରି ଐକ୍ୟ ରହିଛି, ଠିକ୍ ସେହିପରି ।

ମୋତେ ଜାଣିଥିବା ବନ୍ଧୁମାନେ ମତ ଦେଇ କହିଛନ୍ତି ଯେ, ମୁଁ ଯେପରି ଉଦାର, ଠିକ୍ ସେମିତି ଏକ ଏକାନ୍ତବାଦୀ ଯେମିତି ଏକ ରକ୍ଷଣଶୀଳ ବ୍ୟକ୍ତି, ଠିକ୍ ସେମିତି ଉଗ୍ର । ତେଣୁ, ଏହିପରି ପରସ୍ପର-ବିପରୀତ ପ୍ରକାରର ବ୍ୟକ୍ତିମାନଙ୍କୁ ଯେ ମୁଁ ବନ୍ଧୁରୂପେ ପାଇଛି, ସମ୍ଭବତଃ ତାହା ମୋ' ଲାଗି ଏକ ସୌଭାଗ୍ୟର ବିଷୟ । ମୁଁ ଯେ ଅହିଂସାର ଜଣେ ଅନୁଗାମୀ, ସମ୍ଭବତଃ ମୋ' ବନ୍ଧୁମାନଙ୍କର କ୍ଷେତ୍ରରେ ଏହିପରି ଏକ ମିଶ୍ରଣ ସମ୍ଭବ ହୋଇଛି ।

ମୋ' ଅସଙ୍ଗତିଗୁଡ଼ିକ କେବଳ ବାହାରକୁ ହିଁ ଅସଙ୍ଗତି ବୋଲି ମନେ ହୋଇଥାଏ । ଅନେକେ ଏଗୁଡ଼ିକୁ ଅସଙ୍ଗତି ବୋଲି ଭାବନ୍ତି, କାରଣ ନାନା ବିଚିତ୍ର ଓ ଭିନ୍ନ ଭିନ୍ନ ପରିସ୍ଥିତିରେ ମଧ ମୁଁ ନିଜର ମତବ୍ୟକ୍ତ କରିଥାଏ । ସବୁବେଳେ ସଙ୍ଗତି ରହିଥିବାର ଯେଉଁ ପ୍ରତୀତି, ତାହା ହୁଏତ ତୁଚ୍ଛା ଅନମନୀୟତା ବ୍ୟତିତ ଆଉ କିଛି ହୋଇ ନ ପାରେ ।

ବାହାରକୁ ଯେ ମୋ' ଭିତରେ ଅସଙ୍ଗତି ରହିଥିବା ପରି ବୋଧ ହୋଇଥାଏ, ସେଥିଲାଗି ମୁଁ ଆଦୌ ଚିନ୍ତିତ ନୁହେଁ । ସତ୍ୟର ପଥରେ ଚାଲୁ ଚାଲୁ ମୁଁ ଅନେକ ବିଚାରକୁ ବର୍ଜନ କରିଛି, ଅନେକ ନୂତନ ବନ୍ଧୁଙ୍କୁ ଗ୍ରହଣ ମଧ କରିଛି । ବୟସରେ ମୁଁ ଅବଶ୍ୟ ବୁଢ଼ା ହୋଇଗଲିଣି ତଥାପି ମୋ' ଭିତରେ ଯେ ବୃଦ୍ଧିଲାଭ କରିବାର ପ୍ରକ୍ରିୟାଟି ବାଦ ହୋଇଗଲାଣି ଅଥବା ଏହି ଶରୀରର ବିଲୋପ ପରେ ଯେ ମୋ'ର ଏହି ବୃଦ୍ଧିଲାଭ ବନ୍ଦ ହୋଇଯିବ, ମୋ' ଭିତରେ ଆଦୌ ସେପରି ଭାବନା ନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ଯେ ସତ୍ୟର, ମୋ' ପରମେଶ୍ୱରଙ୍କର ନିର୍ଦ୍ଦେଶକୁ ପାଳନ କରୁଛି, ତାହାହିଁ ମୋ'ର ଅସଲ ଭାବନା ହୋଇ ରହିଛି ।

ସଙ୍ଗତିରକ୍ଷାକୁ ମୁଁ କଦାପି ଏକ ପୂଜାବସ୍ତୁରେ ପରିଣତ କରି ଦେଇନାହିଁ । ମୁଁ ହେଉଛି ସତ୍ୟର ଜଣେ ଉପାସକ, ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ସଂପୃକ୍ତ ସମସ୍ୟାଟି ବିଷୟରେ ମୁଁ ପ୍ରକୃତରେ ଯାହା ଅନୁଭବ କରୁଛି କିମ୍ବା ଭାବୁଛି, ସେହି ବିଷୟରେ ମୁଁ ଆଗରୁ କେତେ କ'ଣ କହିଥିଲି, ସେ ବିଷୟରେ କୌଣସି ଖିଆଲ ଆଦୌ ନରଖି, ମୋତେ ତାହା ଅବଶ୍ୟ କହିବାକୁ ପଡ଼ିବ ।... ପ୍ରତିଦିନର ପ୍ରୟୋଗ ଫଳରେ ଦୃଷ୍ଟି ଅଧିକରୁ ଅଧିକ ପରିଷ୍କାର ହୋଇ ଯାଉଥିବା ସଙ୍ଗେ ସଙ୍ଗେ ମୋ'ର ମତଗୁଡ଼ିକ ମଧ ଅବଶ୍ୟ ଅଧିକ ପରିଷ୍କାର ହେବାରେ ଲାଗିଥିବ । ଯେଉଁଠାରେ ମୁଁ ଜାଣିଶୁଣି ଏକ ମତରେ ପରିବର୍ତ୍ତନ କରିଛି, ସେଠାରେ ସେହି ପରିବର୍ତ୍ତନର ଅବଶ୍ୟ ଏକ ପ୍ରୟୋଜନ ରହିଥିବ । କେବଳ ଏତିକି ସ୍ମରଣ ରଖିବା ଉଚିତ୍ ଯେ, ଯତ୍ନର ସହିତ ଦୃଷ୍ଟିପାତ କଲେ ସେଠାରେ ଅଦୃଶ୍ୟ ଭାବରେ ଏକ କ୍ରମବିବର୍ତ୍ତନ ଅବଶ୍ୟ ଘଟିଛିବୋଲି ଦୃଷ୍ଟିଗୋଚର ହୋଇପାରିବ ।

ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ଉପରେ ମୁଁ ଆଗରୁ କ'ଣ ସବୁ କହିଥିଲି, ବର୍ତ୍ତମାନ ମଧ ସେଗୁଡ଼ିକ ସହିତ ଅବଶ୍ୟ ସଙ୍ଗତି ରକ୍ଷା କରିବା ଆଦୌ ମୋ'ର ଲକ୍ଷ୍ୟ ନୁହେଁ । ଏକ ନିର୍ଦ୍ଦିଷ୍ଟ ଅବସରରେ ମୁଁ ସତ୍ୟକୁ ଯେପରି ଭାବରେ ଦେଖିପାରୁଛି, ମୁଁ ତାହା ସହିତ ହିଁ ସଙ୍ଗତି ରକ୍ଷା କରିବି । ଏହାରି ଫଳରେ ହିଁ ମୁଁ ସତ୍ୟରୁ ସତ୍ୟକୁ ବୃଦ୍ଧିଲାଭ କରି ଯାଇପାରିଛି ।

କୌଣସି ରାଜନୀତିକ ସୁଯୋଗ ପାଇବା ମତଲବରେ ମୁଁ କଦାପି କୌଣସି ନୀତିକୁ ପରିତ୍ୟାଗ କରିନାହିଁ ।

ତାତ୍କାଳିକ ଭାବରେ କୌଣସି ଉଦ୍ଦେଶ୍ୟ ହାସଲ କରିନେବାକୁ ମୁଁ ଜୀବନରେ କେବେ ହେଲେ କୌଣସି ଗୋଟିଏ କଥା ମଧ କରିନାହିଁ । ଉଚିତ୍ ନୀତିବତ୍ତା ଯେ ସର୍ବୋଚ୍ଚ କାର୍ଯ୍ୟ ସାଧକର ଫଳ ଦେଇଥାଏ, ମୁଁ ସର୍ବଦା ସେହି ମତଟିକୁ ପୋଷଣ କରିଆସିଛି ।

ମୋ'ର ପ୍ରକୃତି ଅତ୍ୟନ୍ତ ଅନମନୀୟ ବୋଲି ମୋ' ନାମରେ ଅନେକ ସମୟରେ ଅଭିଯୋଗ କରାଯାଇଛି । ବହୁ ମତର ନିଷ୍ପତ୍ତି ପାଖରେ ମଧ ମସ୍ତକ ନତ କରେନାହିଁ ବୋଲି ମୋତେ କୁହାଯାଇଛି । ମୋତେ ଜଣେ ସ୍ୱେଚ୍ଛାଚାରୀ ବୋଲି କହି ଅପବାଦ ଦିଆଯାଇଛି ।

ଅନମନୀୟତା ଓ ସ୍ୱେଚ୍ଛାଚାରିତାର ସେହି ଅଭିଯୋଗକୁ ମୁଁ ଆଦୌ ସ୍ୱୀକାର କରିନେଇ ପାରିନାହିଁ । ବରଂ, ଅମହତ୍ତ୍ୱପୂର୍ଣ୍ଣ ବହୁ ବ୍ୟାପାରରେ ମୁଁ ସ୍ୱଭାବତଃ କେଡ଼େ ସହଜରେ ଅନ୍ୟମାନଙ୍କ ସହିତ ଏକମତ ହୋଇଯାଏ, ସେ ବିଷୟରେ ମୁଁ ଗର୍ବ ଅନୁଭବ କରୁଛି । ମୁଁ ସ୍ୱେଚ୍ଛାଚାରିତାକୁ ଘୃଣା କରେ । ନିଜର ସ୍ୱାଧୀନତା ଏବଂ ସ୍ୱନିଷ୍ପତ୍ତିକୁ ମୂଲ୍ୟ ଦେଉଥିବାରୁ ମୁଁ ସମାନଭାବରେ ଅନ୍ୟମାନଙ୍କର କ୍ଷେତ୍ରରେ ମଧ ସେହିପରି ହେଉ ବୋଲି ଆଗ୍ରହ ରଖିଥାଏ । ଯଦି ମୁଁ କାହାର ବିବେକକୁ ରାଜି କରାଇ ନପାରିଛି, ତେବେ ସେପରି ଜଣେ ବ୍ୟକ୍ତିକୁ ମଧ ମୋ' ପକ୍ଷକୁ ଆଣିବାଲାଗି ମୋ'ର କୌଣସି ଅଭିପ୍ରାୟ ନାହିଁ ।

ପ୍ରାଚୀନତମ ଶାସ୍ତ୍ରମାନେ ମଧ ଯଦି ମୋ' ବିବେକକୁ ଜୟ କରି ନ ପାରିଲେ, ତେବେ ସେମାନଙ୍କର ଦିବ୍ୟ କର୍ତ୍ତୃତ୍ୱକୁ ମଧ ମୁଁ ଅସ୍ୱୀକାର କରିଥାଏ ଏବଂ ସେତିକି ପରିମାଣରେ ଆପଣାକୁ ରୁଢ଼ିମୁକ୍ତ କରି ରଖୁଥାଏ । ମାତ୍ର, ନିଜର ଅଭିଜ୍ଞତାରୁ ମୁଁ ଜାଣିଛି ଯେ, ଯଦି ମୁଁ ସମାଜ ଭିତରେ ଜୀବନଧାରଣ କରି ମଧ ତଥାପି ନିଜର ସ୍ୱତନ୍ତ୍ରତାକୁ ରକ୍ଷା କରିବାକୁ ଇଚ୍ଛା କରିବି, ମୋ'ର ସେହି ସ୍ୱତନ୍ତ୍ରତାକୁ କେବଳ ସର୍ବାଧିକ ମହତ୍ତ୍ୱ ରଖୁଥିବା ବିଷୟଗୁଡ଼ିକର କ୍ଷେତ୍ର ମଧ୍ୟରେ ମୋତେ ସୀମିତ ରଖିବାକୁ ପଡ଼ିବ । ଅନ୍ୟ କ୍ଷେତ୍ରଗୁଡ଼ିକରେ, ଯେଉଁଠାରେ କି ନିଜର ବ୍ୟକ୍ତିଗତ ଧର୍ମ ଅଥବା ନୀତିଗୁଡ଼ିକରୁ ବିଚ୍ୟୁତ ହେବାକୁ ପଡୁ ନ ଥାଏ, ସେହିସବୁ କ୍ଷେତ୍ରରେ ବହୁ ମତକୁ ହିଁ ଅବଶ୍ୟ ସ୍ୱୀକାର କରିନେବାକୁ ପଡ଼ିବ । ମୋ' ଜୀବନସାରା ସତ୍ୟ ଉପରେ ଅଟଳ ହୋଇ ରହିଥିବାରୁ ହିଁ ମୁଁ ତା'ଦ୍ୱାରା ସର୍ବଦା ସାଲିସ୍‌ର ସୌନ୍ଦର୍ଯ୍ୟକୁ ସ୍ୱୀକାର କରିବାର ରୀତିଟିକୁ ଶିକ୍ଷା କରିଛି । ପରବର୍ତ୍ତୀ ଜୀବନରେ ମୁଁ ଏକଥା ମଧ ଦେଖି ପାରିଲି ଯେ, ଏହି ଭାବଟି ହେଉଛି ସତ୍ୟାଗ୍ରହର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ । ଏହାର ଫଳ ଅନେକ ସମୟରେ ବଜ୍ରପରି କଠିନ ଏବଂ ଫୁଲ ପରି କୋମଳ ।

ମନୁଷ୍ୟର ଜୀବନରେ ସାଲିଶ୍ ପରେ ସାଲିଶ୍ ଲାଗି ରହିଥାଏ, ଏବଂ ସିଦ୍ଧାନ୍ତରେ ଯାହା ସତ୍ୟ ବୋଲି ପ୍ରମାଣିତ ହୋଇଥାଏ, ବାସ୍ତବ କ୍ଷେତ୍ରରେ ତାହାକୁ ହାସଲ କରିବା ସବୁବେଳେ ଆଦୌ ସହଜ ହୁଏନାହିଁ । ଏପରି ଅନେକ ଶାଶ୍ୱତ ସତ୍ୟ ରହିଛି, ଯାହାର କ୍ଷେତ୍ରରେ କୌଣସି ସାଲିଶ୍ୱର ଅବକାଶ ନଥାଏ ଏବଂ ସେଗୁଡ଼ିକୁ ଜୀବନରେ ପରିଣତ କରିବା ପାଇଁ ନିଜର ଜୀବନପାତ କରିବା ସକାଶେ ମଧ ପ୍ରସ୍ତୁତ ରହିବାକୁ ପଡ଼ିଥାଏ ।

# ଅମୃତ ମହୋତ୍ସବ ମନାଇବା

## ମମତା ନାଥ

ଭାରତ ଭୂମି ଜନ୍ମଭୂମି ସ୍ୱର୍ଗଠାରୁ ବଡ଼
ତାହାରି କୋଳରେ ମଥା ନଇଁ କରିବା ଜୟକାର
ଏହି ଦେଶଷର ଜନ୍ମିଥିଲେ କେତେ ବୀର, ଗୁଣୀ, ଜ୍ଞାନୀ
ସବୁରି ମନରେ ଏକତାର ଭାବ ଆଣିଦେଲା
ତ୍ରିରଙ୍ଗା ପତାକାର ବାଣୀ ।
୭୫ ବର୍ଷର ଭାରତୀୟ ସଂସ୍କୃତି ଏବେ ବି ବଞ୍ଚିଛି
ଲକ୍ଷ୍ମୀବାଈ, ଶିବାଜୀ, ଭଗତ ସିଂହ, ମଙ୍ଗଳପାଣ୍ଡେଙ୍କ କଥା
ଯୁଗେ ଯୁଗେ ରହି ଆସିଛି ।
ଏହି ମହୋତ୍ସବ ଦେଶଲାଗି ଜ୍ଞାନର ଦୀପ ଜାଳିଛି
ତ୍ୟାଗ, ବଳିଦାନ ପାଇଁ ଭାରତୀୟଙ୍କ ସଂସ୍କୃତିରେ
କିଛି ସନ୍ଦେଶ ଆସିଛି ।
ପୁରୁଣା ସଂସ୍କୃତିକୁ ଚେତେଇ ଦେଇ ଗଢ଼ିବା ସୁନାର ଭାରତ
ଏକତାରେ ବଞ୍ଚିବା ଭାଷା ସଂସ୍କୃତିକୁ ଜାବୋଡ଼ି ଧରି
ଆମେ ଭାରତୀୟ ନା ବୋଲିବା ।
ସୁନେଲି କିରଣର ସୂର୍ଯ୍ୟାଲୋକରେ ହେବା ଉଦ୍‌ଭାଷିତ
ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କରି ନେବା
ଅମୃତ ବେଳାର ମହୋତ୍ସବ ।
ଲୁଚିଥିଲା କେଉଁ ଅନ୍ଧାରି କୋଣରେ, ଆଲୋକର ସନ୍ଧାନ ପାଇଁ
ଚେଇଁ ଉଠିଛି ସ୍ୱାଭିମାନ ବଞ୍ଚିଛି, ସୁନାର ଦେଶ ଗଢ଼ି ଉଠିଛି
ଅମୃତ ସନ୍ତାନ ହୋଇ ସ୍ୱାଧୀନତା ପାଇ ଦେଶପ୍ରେମ ଗୀତ ଗାଇ
କହିବା ଯାହା ନାହିଁ, ଭାରତେ ତାହା ନାହିଁ ଜଗତେ
ଅତୀତର ପାଣ୍ଡୁଲିପିକୁ ପାଥେୟ କରି ସ୍ୱର୍ଣ୍ଣ ଲିପିରେ
ସୁନାର ଦେଶ ଗଢ଼ିବା
ସ୍ୱାଧୀନତାର ଅମୃତ ପିଇ
ଅମୃତ ମହୋତ୍ସବ ମନାଇବା ।

ନନ୍ଦପଡ଼ା, ସମ୍ବଲପୁର

# ସ୍ୱର୍ବେଦ

**ସପ୍ତମ ଅଧ୍ୟାୟ**

**ଗ୍ରହଣ କରୋ ଗୁଣ ଜଗତ ସେ,**
**ଔଗୁଣ ଦେଖି ନ କୋୟ ।**
**ଔଗୁଣ ଦେଖୋ ଆପ ମେଁ, ତ୍ୟାଗ**
**ଯତନ କର ସୋୟ ।।୦୧।।**

ଭାଷ୍ୟ - ଅନ୍ୟର ଅବଗୁଣକୁ ନ ଦେଖି ତାହାର ଗୁଣ ଗ୍ରହଣ କରିବା ଉଚିତ ଏବଂ ନିଜର ଦୁର୍ଗୁଣକୁ ଦେଖି ସେଗୁଡ଼ିକ ପରିତ୍ୟାଗ କରିବା ନିମନ୍ତେ ପ୍ରଯତ୍ନ କରିବା ଉଚିତ । ଦୁର୍ଗୁଣସମ୍ପନ୍ନ ବ୍ୟକ୍ତିର ଗୁଣକୁ ଗ୍ରହଣ କରନ୍ତୁ, ମାତ୍ର ସେଗୁଡ଼ିକଠାରୁ ସାବଧାନ ରହନ୍ତୁ, ନ ହେଲେ ବିଶେଷ କ୍ଷତି ହେବାର ସମ୍ଭାବନା ରହିବ । ଜୀବନରେ ଆତ୍ମପରୀକ୍ଷା କରିବା ଉଚିତ । ଏସବୁ ହେବା ଦ୍ୱାରା ବିବେକୀ ପୁରୁଷ ନିଜ ଦୁର୍ଗୁଣଗୁଡ଼ିକୁ ତ୍ୟାଗକରି ଅନ୍ୟର ଗୁଣଗୁଡ଼ିକୁ ଗ୍ରହଣ କରିଥାନ୍ତି । ଯେତେବେଳ ପର୍ଯ୍ୟନ୍ତ ପରୀକ୍ଷା କରି ନିଜ ଜୀବନରେ ଦୁର୍ଗୁଣର ତ୍ୟାଗ ଆଉ ଗୁଣର ଗ୍ରହଣ ନ ହେବ, ସେତେବେଳ ପର୍ଯ୍ୟନ୍ତ ଜୀବନ ପବିତ୍ର ଏବଂ ନିଜ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଯୋଗ୍ୟ ହୋଇ ପାରିବ ନାହିଁ । ସେଥିପାଇଁ ଆତ୍ମବିଶ୍ୱାସୀ ପୁରୁଷ ଜିତେନ୍ଦ୍ରୀୟ, ଗୁଣବାନ ହୋଇ ଆଧ୍ୟାତ୍ମ କିମ୍ବା ସଂସାରର କୌଣସି



କ୍ଷେତ୍ରରେ ଅଗ୍ରସର ହେବେ, ତେବେ ସେମାନଙ୍କର ଜୀବନର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ପାରିବ ଏବଂ ସେମାନେ ହିଁ ଦେଶ, ଜାତି ଏବଂ ସମାଜର ମଙ୍ଗଳ କରିପାରିବେ ।

**ପୂଜ୍ୟ କର୍ମ ଗୁଣ ହୋତ ହୈ, ଉମର**
**ଜାତି ନହିଁ କୋୟ ।**
**ଜୀୱନ ଢର ଅଧ୍ୟାତ୍ମ ମେଁ,**
**ହଁସଦଶା ମୟ ସୋୟ ।।୦୨।।**

ଭାଷ୍ୟ - କର୍ମ, ଗୁଣ ଏବଂ ସ୍ୱଭାବରେ ଉଚ୍ଚ ହେଲେ ହିଁ କୌଣସି ବ୍ୟକ୍ତି ପୂଜ୍ୟ ଆଉ ମହାନ୍ ହୋଇଥାନ୍ତି, ବୟସ କିମ୍ବା ଜନ୍ମରୁ ନୁହେଁ । ଯାହାର ଜୀବନ ଆଧ୍ୟାତ୍ମ କ୍ଷେତ୍ରରେ ବିକଶିତ, ସେପରି ଶୁଦ୍ଧ ହଂସ ସର୍ବପୂଜ୍ୟ ଏବଂ ଆଦରଣୀୟ ଅଟନ୍ତି ।

**କୃତ୍ରିମ ସବ ଭାଷା ବନେ, ୱିଦ୍ୟା**
**ସତ୍ୟ ନ ସୋୟ ।**
**ଭୂଲ ନ ୱାଣୀ ଜାଲ ମେଁ, ସଦ୍‌ଗୁରୁ**
**ଜ୍ଞାନ ସମୋୟ ।।୦୩।।**

ଭାଷ୍ୟ - ସମସ୍ତ ଭାଷା କୃତ୍ରିମ ଅଟନ୍ତି, ସତ୍ୟ ଜ୍ଞାନ ନୁହନ୍ତି । ଅତଏବ ବାଣୀର ଜାଲରେ ନ ଭୁଲି ନିଜ କଲ୍ୟାଣ ନିମନ୍ତେ ସଦ୍‌ଗୁରୁଙ୍କର ବାଣୀ ଅର୍ଥାତ୍ ବ୍ରହ୍ମବିଦ୍ୟାର ସଦୁପଦେଶକୁ ଗ୍ରହଣ କରି ଆଧ୍ୟାତ୍ମ ପଥରେ ଅଗ୍ରସର ହୁଅନ୍ତୁ । ସଦ୍‌ଗୁରୁଙ୍କର ଜ୍ଞାନ ସାଧନ ଦ୍ୱାରା ହିଁ ଜୀବର କଲ୍ୟାଣ ହେବ ।

**କାର୍ଯ୍ୟ ସୃଷ୍ଟି କ୍ରମ ସେ କରେ, ଲଘୁ**
**ସେ ଦୀରଘ ହୋୟ ।**
**ଧୀର ୱୀର ସଂୟମ ରହେ, ନିଶ୍ଚୟ**
**ପୂରଣ ସୋୟ ।।୦୪।।**

ଭାଷ୍ୟ ଯେ କୌଣସି କାର୍ଯ୍ୟକୁ କ୍ଷୁଦ୍ର ରୂପରେ ପ୍ରଥମେ ପ୍ରାରମ୍ଭ କରନ୍ତୁ । ସେହି କାର୍ଯ୍ୟ ଧୈର୍ଯ୍ୟ, ପରାକ୍ରମ ଆଉ ସଂଯମର ସହିତ କରିବା ଦିନେ ଦ୍ୱାରା ବିରାଟ ରୂପ ନେଇ ନିଶ୍ଚୟ ସମ୍ପୂର୍ଣ୍ଣ ହୋଇପାରିବ ।

**ବଲ ଛାୟା ପ୍ରଭୁ ସେ ମିଲୈ, ପୂର୍ଣ୍ଣ**
**କାମ ସବ ହୋୟ ।**
**ପ୍ରାରମ୍ଭ ପ୍ରଭୁ ସେ କରେ, ଗତି**
**ଅଧ୍ୟାତ୍ମିକ ହୋୟ ।।୦୫।।**

ଭାଷ୍ୟ - ଆଧ୍ୟାତ୍ମିକ ବିଧାନରେ ପ୍ରଭୁଙ୍କୁ ସ୍ମରଣ କରି ଯେ କୌଣସି କାର୍ଯ୍ୟକୁ ପ୍ରାରମ୍ଭ କରିବା ଉଚିତ । ଏଥିରୁ ପ୍ରଭୁଙ୍କ ଠାରୁ ଶକ୍ତି ଏବଂ ତାଙ୍କର ଛାୟା ପ୍ରାପ୍ତ ହୋଇଥାଏ ଯାହା ଫଳରେ ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତ ହୋଇ ସମ୍ପୂର୍ଣ୍ଣ ହୋଇଥାଏ ।

**ଜୀୱ ବନ୍ଧ ପରଲୟ ରହୈ, ସର୍ୱ**
**ସୁଷୋପ୍ତି ସମାନ ।**
**ଏକ ପାଦ କୁଛ ସୁଧି ନହିଁ, ମୂର୍ଚ୍ଛ**
**ମହାତମ ଜାନ ।।୦୬।।**

ଭାଷ୍ୟ - ପ୍ରଳୟରେ ସମସ୍ତ ବନ୍ଧ ଜୀବ ସୁଷୁପ୍ତି ସମାନ ପ୍ରଭୁଙ୍କର ଆଧାରରେ ଏକପାଦରେ ସ୍ଥିତ ରହିଥାନ୍ତି । ଯାହା ଫଳରେ ସେମାନଙ୍କ ନିକଟରେ ସମସ୍ତ ଜ୍ଞାନର ପରିସମାପ୍ତି ହୋଇଥାଏ । ସେମାନେ ଚେତନାଶୂନ୍ୟ ସମ ପଡ଼ି ରହିଥାନ୍ତି ।

**ସୃଷ୍ଟି କାଲ ଜୀୱ ଆୱହିଁ, କର୍ମ**
**ଭେଦ ତନ ପାୟ ।**
**ଜଗ ୱିଚିତ୍ର ଯହ କର୍ମ ହୈ, କର୍ମ**
**ସେ ସୃଷ୍ଟି ଉପାୟ ।।୦୭।।**

ଭାଷ୍ୟ - ସୃଷ୍ଟିର ପ୍ରାରମ୍ଭ କାଳରେ ସମସ୍ତ ଜୀବ ନିଜ କର୍ମ ଅନୁସାରେ ଶରୀର ଧାରଣ କରିଥାନ୍ତି । ସଂସାରର ବିଚିତ୍ରତା କର୍ମ ରହିଛି ଏବଂ କର୍ମରୁ ହିଁ ସକଳ ସୃଷ୍ଟିର ନିର୍ମାଣ ହୋଇଥାଏ ।

# ଦୁର୍ଲଭ ମାନବ ଶରୀର.......

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ସେହି ଦିବ୍ୟ ଭାବଗୁଡ଼ିକୁ ଜାଗ୍ରତ କରି ଆମେ ମଧ ଦିବ୍ୟ ହୋଇ ପାରିବା । ଦେବତ୍ୱ ହିଁ ମନୁଷ୍ୟର ଅସଲ ପରିଚୟ । ଦେବତ୍ୱର ଅଭାବରେ ସତ୍ୟ, ଜ୍ଞାନ, କରୁଣା, ପ୍ରେମ, ସଂବେଦନା ଆଦି ଦିବ୍ୟ ଗୁଣ, ଈଶ୍ୱରୀୟ ଭାବଗୁଡ଼ିକର ଅଭାବରେ ମନୁଷ୍ୟ ଆକୃତି ଦୃଷ୍ଟିରୁ ଭଲା ମନୁଷ୍ୟ ଦେଖାଗଲେ ମଧ ବାସ୍ତବରେ ପ୍ରକୃତି ଦୃଷ୍ଟିରୁ ସେ ମନୁଷ୍ୟ ହୋଇ ନ ପାରେ ।

ସମାଜରେ ହତ୍ୟା, ଲୁଟ, ବଳାତ୍କାର, ଦୁର୍ନୀତି, ଦୁରାଚାର, ହିଂସା ଆଦି ଘଟଣାଗୁଡ଼ିକୁ ଘଟାଉଥିବା ଲୋକେ ଆକୃତି ଦୃଷ୍ଟିରୁ ତ ମନୁଷ୍ୟ ଭଳି ହିଁ ଦେଖାଯାନ୍ତି, କିନ୍ତୁ ପ୍ରକୃତି ଦୃଷ୍ଟିରୁ ସତରେ ସେମାନେ କ'ଣ ମନୁଷ୍ୟ ? ସିଂହର ଛୁଆ ସିଂହ ହେବାର ସମ୍ଭାବନା ରହିଥାଏ, କିନ୍ତୁ ଏଥିପାଇଁ ତାକୁ ନିଜ ଭିତରେ ଶୋଇଥିବା ସିଂହକୁ ଜାଗ୍ରତ କରିବାକୁ ପଡ଼ିଥାଏ, ଅନ୍ୟଥା ମେଣ୍ଢାଙ୍କ ମେଳରେ ରହି ମେଣ୍ଢାଙ୍କ ପରି ଜୀବନଯାପନ କଲେ ସିଂହ ମଧ ନିଜକୁ ମେଣ୍ଢା ମାନିବାରେ ଲାଗେ ।

ତା' ଭିତରେ ସିଂହ ଜାଗ୍ରତ ନ ହେବା ଦ୍ୱାରା ଅର୍ଥାତ୍ ତା' ଭିତରେ ଅଦମ୍ୟ ସାହସ ପ୍ରକଟ ନ ହେବା ଯୋଗୁଁ ମେଣ୍ଢାଙ୍କ ପରି ଜୀବନଯାପନ କରି ତା'ର ଜୀବନ ସମାପ୍ତ ହୋଇଯାଏ । ତା' ଭିତରେ ଜଙ୍ଗଲର ରାଜା ହେବାର ଅସୀମ ସମ୍ଭାବନା ଥିଲା, କିନ୍ତୁ ସେହି ସମ୍ଭାବନା ମଧ ସମାପ୍ତ ହୋଇଗଲା । କାହିଁକି ? କାରଣ ସେ ବିଲୁଆ ଓ ମେଣ୍ଢାଙ୍କ ଭଳି ଜୀବନ ବିତାଉଥିଲା । ସେ ନିଜ ଭିତରେ ସିଂହ ପରି ସାହସ ଉପନ୍ନ କରି ପାରିଲା ନାହିଁ, ଯାହାର ଗୋଟିଏ ଗର୍ଜନ ମାତ୍ରେ ସମସ୍ତ ବନ୍ୟଜୀବ ଭୟଭୀତ ହୋଇ ପଳାୟନ କରିଥାନ୍ତେ । ସେ ସ୍ୱୟଂ ଡରି ଡରି ପଳାୟନ କଲା ଓ ତଦନୁରୂପ ଜୀବନ ବିତାଇଲା ।

ସେହିପରି ଈଶ୍ୱରତ୍ୱ, ଦେବତ୍ୱ ଜାଗ୍ରତ ନ ହେବା ଯୋଗୁଁ ଆମେ ସିଂହ ହୋଇ ମଧ, ଈଶ୍ୱରଙ୍କର ଶ୍ରେଷ୍ଠ ରାଜକୁମାର ହୋଇ ମଧ ବାସନା, ତୃଷ୍ଣା, କାମନା ଗୁଡ଼ିକ ପୂରଣ ହେତୁ ପଶୁବତ୍ ଜୀବନ ଯାପନ କରି ନିଜର ଜୀବନ ସମାପ୍ତ କରିନେଉ । ଆମେ ମଧ ମେଣ୍ଢାଙ୍କ ପରି ଜୀବନଯାପନ କରିଥାଉ । ଜୀବନ ଯଦି ବିଷୟ-ଭୋଗ ପାଇଁ ହୋଇଥାନ୍ତା ତ ଏଥିପାଇଁ ମନୁଷ୍ୟ ଶରୀର ଜରୁରୀ ନ ଥିଲା । ଏଥିପାଇଁ ତ ପଶୁ ଶରୀର ପର୍ଯ୍ୟାପ୍ତ ।

ଉପନିଷଦ୍‌ରେ ମନୁଷ୍ୟକୁ ଅମୃତର ପୁତ୍ର କୁହାଯାଇଛି ଆତ୍ମାକୁ ଅଜର, ଅମର, ଅବିନାଶୀ କୁହାଯାଇଛି, କିନ୍ତୁ ଅମୃତ ପୁତ୍ର, ଅମର-ଅବିନାଶୀ ହୋଇ ମଧ ଆମେ ପ୍ରତିକ୍ଷଣ ମୃତ୍ୟୁର ଭୟରେ କମ୍ପିଥାଉ । ଆମେ ମରିବା ପୂର୍ବରୁ କେଜାଣି କେତେ ଥର ମରି ସାରିଥାଉ । ଯଜ୍ଞ, ଦାନ, ପରୋପକାର ଆଦି ଶ୍ରେଷ୍ଠ କର୍ମ କରିବା କଥା ଶୁଣିବା ମାତ୍ରେ ଆମେ ସେଗୁଡ଼ିକ ସମ୍ପନ୍ନ କରିବା ପରିବର୍ତ୍ତେ ଭୟରେ ପଳାୟନ କରିଥାଉ ଇନ୍ଦ୍ରିୟ ସଂଯମ ପରିବର୍ତ୍ତେ ଇନ୍ଦ୍ରିୟଗୁଡ଼ିକର ଦାସ ହୋଇ ରହିଥାଉ । ଧ୍ୟାନ, ଜପ, ତପ ଆଦି ଆଧାତ୍ମିକ ସାଧନାଗୁଡ଼ିକ ପ୍ରତି ଉଦାସୀନ ରହି ଆମେ ପ୍ରକୃତରେ ଏହି ମନୁଷ୍ୟ ଜୀବନର, ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ଏହି ଅମୂଲ୍ୟ ଉପହାରର କେତେ ନିରାଦର କରିଥାଉ ।

ଆମ ଭିତରେ ଈଶ୍ୱରତ୍ୱ ଜାଗ୍ରତ ହୋଇଗଲେ ଆମେ ବାସନା, ତୃଷ୍ଣା, କାମନାରୁ ସଦା-ସର୍ବଦା ପାଇଁ ମୁକ୍ତ ହୋଇ ସବୁ ଦିନ ପାଇଁ ପରମ ଆନନ୍ଦରେ ସ୍ଥିତ ହୋଇ ପାରିବୁ ।

ସାଧକ ଭିତରେ ଜାଗ୍ରତ ଈଶ୍ୱରତ୍ୱ, ଦେବତ୍ୱ ସମକ୍ଷରେ କାମନା, ବାସନା, ତୃଷ୍ଣା ଆଦି ନିମ୍ନଗାମୀ ପ୍ରବୃତ୍ତିଗୁଡ଼ିକ ଠିକ୍ ସେହିପରି ସମାପ୍ତ ହୋଇଯାଏ, ଯେପରି ସୂର୍ଯ୍ୟ ଉଦୟ ହେବା ମାତ୍ରେ ଅନ୍ଧକାରର ଅନ୍ତ ହୋଇଯାଏ । ଆମ ଭିତରେ ଜ୍ଞାନର ସୂର୍ଯ୍ୟ ଉଦୟ ହେଲେ ଆମେ ମଧ ଆଲୋକରେ ଆପ୍ଲାବିତ ହୋଇ, ପ୍ରକାଶରେ ପ୍ରକାଶିତ ହୋଇ କେବଳ ମାନବ ଜୀବନକୁ ସଫଳ କରି ପାରିବା ନାହିଁ, ବରଂ ପରମାତ୍ମାଙ୍କ ସଚ୍ଚା ଓ ଶ୍ରେଷ୍ଠ ସନ୍ତାନ ମଧ ବୋଲାଇ ପାରିବା ।

ବାସ୍ତବରେ ପରମାତ୍ମାଙ୍କ ପ୍ରତି ଆମର ଏହା ସଚ୍ଚା କୃତଜ୍ଞତା ହେବ । ପରମାତ୍ମାଙ୍କ ପ୍ରତି ଆମର ଏହା ସଚ୍ଚା ଭକ୍ତି ହେବ, ପ୍ରେମ ହେବ । ପରମାତ୍ମାଙ୍କ ପ୍ରତି ଆମର ଏହା ସଚ୍ଚା ସମର୍ପଣ ହେବ । ଏହି ଅମୂଲ୍ୟ ମାନବ ଜୀବନ ପାଇଁ ପରମାତ୍ମାଙ୍କ ପ୍ରତି ଏହା ବାସ୍ତବିକ ଧନ୍ୟବାଦ ଜ୍ଞାପନ କରିବା ହେବ । ଏହା ବାସ୍ତବରେ ଧନ୍ୟବାଦ ଜ୍ଞାପନ ହେବ ।

ସତ କହିବାକୁ ଗଲେ ଏ ସଂସାରରେ ସାଧକ ହିଁ ସିଂହ ହୋଇଥାଏ । ତା' ଭିତରେ ସାଧନାର ଦହକୁଥିବା ଅଗ୍ନିରେ କାମ, କ୍ରୋଧ, ମୋହ, ଲୋଭ, ଦମ୍ଭ, ଦୁର୍ଭାବ, ରାଗ, ଦ୍ୱେଷ ଆଦି ନିମ୍ନଗାମୀ ପ୍ରବୃତ୍ତି ଭସ୍ମୀଭୂତ ହୋଇଯାଏ । ସାଧକ ହିଁ ଏହି ସଂସାର ରୂପୀ ଉପବନର ସିଂହ ଅର୍ଥାତ୍ ରାଜା, କାରଣ ସେ ଇନ୍ଦ୍ରିୟଗୁଡ଼ିକର ଦାସ ନୁହେଁ, ବରଂ ସମସ୍ତ ଇନ୍ଦ୍ରିୟ ତା'ର ଦାସ–ଦାସୀ ହୋଇଯାନ୍ତି । ସାଧକର ପ୍ରସାରିତ ଭୃକୁଟି ସମକ୍ଷରେ କାମ, କ୍ରୋଧ, ଲୋଭ, ରାଗ, ଦ୍ୱେଷ ଆଦି ପ୍ରବୃତ୍ତି ଭଲା ତିଷ୍ଠି ପାରିବ କିପରି ?

ଯେଉଁଠି ସାଧାରଣ ମନୁଷ୍ୟ ଏହି ନିମ୍ନଗାମୀ ପ୍ରବୃତ୍ତିଗୁଡ଼ିକର ଶିକାର ହୋଇଥାଏ, ସେଠାରେ ସାଧକ ଏହି ନିମ୍ନଗାମୀ ପ୍ରବୃତ୍ତିଗୁଡ଼ିକର ଶିକାର କରିଥାଏ । ସିଂହ ହିଁ ଶିକାର କରିପାରେ । ସାଧକ ହିଁ ଶିକାର କରିପାରେ । ବାକି ସମସ୍ତେ ତ ନିମ୍ନଗାମୀ ପ୍ରବୃତ୍ତିଗୁଡ଼ିକର ଶିକାର ହୋଇଥାନ୍ତି । ସେମାନେ ପ୍ରତିକ୍ଷଣ ମନୁଷ୍ୟତାରୁ ପଦଚ୍ୟୁତ ହୋଇଥାନ୍ତି । ସାଧକ ହିଁ ଏ ସଂସାରରେ ରାଜା, କାରଣ ସାଧକ ପାଖରେ ଆତ୍ମିକ ଆନନ୍ଦର ଅପାର ସମ୍ପଦ ରହିଛି । ସେ ସବୁ ପ୍ରକାର ଦୁଃଖ ଓ ବନ୍ଧନରୁ ମୁକ୍ତ । ସାଧକ ହିଁ ଈଶ୍ୱରଙ୍କର ଶ୍ରେଷ୍ଠ ସନ୍ତାନ ।

ସ୍ମରଣ ରଖ ଯେ ମନୁଷ୍ୟ ପାଇଁ ଉପନିଷଦ୍‌ର ଆହ୍ୱାନ ହେଉଛି– ହେ ମନୁଷ୍ୟ, ହେ ଅମୃତ ପୁତ୍ର, ହେ ଅଜର, ଅମର, ଅବିନାଶୀ ଆତ୍ମା ! ସ୍ୱୟଂକୁ ଚିହ୍ନ । ଏହି ମାନବ ଶରୀର ଅମୂଲ୍ୟ । ଏହି ଜୀବନ ଈଶ୍ୱରଙ୍କ ପ୍ରାପ୍ତି ନିମନ୍ତେ ମିଳିଛି, ବିଷୟ-ଭୋଗଗୁଡ଼ିକ ପଛରେ ଧାଇଁବା ପାଇଁ ନୁହେଁ । ମାନବ ଜୀବନକୁ କ୍ଷଣିକ ଭୌତିକ ସୁଖର ବଳିବେଦୀରେ ଚଢ଼ିବାକୁ ଦିଅ ନାହିଁ, ବରଂ ଏହି ଦୁର୍ଲଭ ଶରୀରକୁ ପାଇ ଅମୃତତ୍ୱକୁ ପ୍ରାପ୍ତ ହୁଅ ।

## ବାୟୁ ପ୍ରଦୂଷଣ କିଡ଼ନୀ ରୋଗର କାରଣ

ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି ଯେ, ବାୟୁ ପ୍ରଦୂଷଣ କ୍ରୋନିକ କିଡନୀ ଡ୍ୟାମେଜ (ସିକେଡି)ର ଆଶଙ୍କାକୁ ବଢ଼ାଇଥାଏ । କିଡ଼ନୀ ଖରାପ ହୋଇଯିବା ତଥା କିଡ଼ନୀ ରକ୍ତକୁ ଶୁଦ୍ଧ କରିବାରେ ସକ୍ଷମ ନ ହେଲେ ଏପରି ହେବାର ସମ୍ଭାବନା ଥାଏ । ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ହୃଦ୍ ରୋଗୀଙ୍କ ଠାରେ କ୍ରୋନିକ କିଡନୀ ଡ୍ୟାମେଜର ଆଶଙ୍କା ଅଧିକ । ପିଏମ ୨.୫ ବ୍ୟତୀତ ସୀମା, ମରକ୍ୟୁରି ଏବଂ କ୍ୟାଡ଼ ମିୟମ ପରି ଭାରି ଧାତୁ ଏଥିରେ ରହିଥାଏ । ସେହିପରି ଧୂମପାନ ଆଉ ପ୍ରଦୂଷିତ ବାୟୁରେ ବିଷାକ୍ତ ହାନିକାରକ ପଦାର୍ଥ ସିଧା କିଡ଼ନୀକୁ ପ୍ରଭାବିତ କରିଥାଏ ବୋଲି ପ୍ରମୁଖ ଗବେଷକ କହିଛନ୍ତି ।



କିଡ଼ନୀ ଦ୍ୱାରା ଅଧିକ ମାତ୍ରାରେ ରକ୍ତ ପ୍ରବାହିତ ହୋଇଥାଏ । କୌଣସି ପଦାର୍ଥ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ କ୍ଷତି ପହଞ୍ଚାଇଲେ ପ୍ରଥମ କିଡ଼ନୀ ହିଁ ପ୍ରଭାବିତ ହୋଇଥାଏ । ତେବେ ଏହା ପୂର୍ବରୁ କରାଯାଇଥିବା ଅଧ୍ୟୟନରେ ଜଣାପଡିଥିଲା ଯେ ବାୟୁ ପ୍ରଦୂଷଣରେ ଶ୍ୱାସ ସମ୍ବନ୍ଧୀୟ ରୋଗ ଯେପରିକି ଆଜମା, ମଧୁମେହ ପରି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରୋଗ ମଧ ସୃଷ୍ଟି ହୋଇଥାଏ । ଯଦି କମ୍ ପ୍ରଦୂଷିତ ଅଞ୍ଚଳ ସହିତ ଅଧିକ ପ୍ରଦୂଷିତ ଅଞ୍ଚଳର ତୁଳନା କରାଯିବ ତା' ହେଲେ ଅଧିକ ପ୍ରଦୂଷିତ ବାୟୁରେ କିଡନୀ ରୋଗ ସମସ୍ୟା ଅଧିକ ଦେଖାଯାଏ ।

## ଟିକିଏ ହସନ୍ତୁ

ମହିଳାଙ୍କୁ ଯୋଗଗୁରୁ : ଯୋଗ କରିବା ପରଠାରୁ ଆପଣଙ୍କ ସ୍ୱାମୀଙ୍କ ମଦ ପିଇବା ଅଭ୍ୟାସରେ କିଛି ପରିବର୍ତ୍ତନ ହେଲାଣି କି ନାହିଁ ?
ମହିଳା : ହଁ ।
ଯୋଗଗୁରୁ : ମୁଁ ଜାଣିଥିଲି ନିଶ୍ଚୟ ପରିବର୍ତ୍ତନ ଆସିବ ।
ମହିଳା : ଏବେ ସେ ମୁଣ୍ଡ ତଳକୁ ଓ ଗୋଡ ଉପରକୁ ଅର୍ଥାତ ଶୀର୍ଷାସନ କରି ମଦ ପିଉଛନ୍ତି ।

× × × × ×

ଶିକ୍ଷକ : ବଞ୍ଚି ରହିବା ପାଇଁ କ'ଣ ଆବଶ୍ୟକ ?
ମଣ୍ଟୁ : ଏକ ମୁଲାକାତ ଜରୁରୀ ହୈ..
ଶିକ୍ଷକ : ଇଏ କ'ଣ ?
ମଣ୍ଟୁ : ଆପଣ ଏଇ ଗୀତ ଶୁଣି ନାହାନ୍ତି କି ? ଜିନ୍ଦା ରେହନେ କେଲିୟେ ତେରି କସମ, ଏକ ମୁଲାକାତ ଜରୁରୀ ହୈ ସନମ ।'

× × × × ×

ସ୍ତ୍ରୀ ସ୍ୱାମୀଙ୍କୁ : ତମେ ଅଟା କେଉଁଠୁ ଆଣିଥିଲ ?
ସ୍ୱାମୀ : କାଇଁ କ'ଣ ହେଲା କି ?
ସ୍ତ୍ରୀ : ରୁଟି ଜମା ଭଲ ହେଉନି । ଖାଲି ପୋଡି ଯାଉଛି ।

× × × ×



ସ୍ୱାମୀ ସ୍ତ୍ରୀକୁ : ସଜନୀ ତମେ ତମ କେଶକୁ ସଜାଡି ରଖ ।
ସ୍ତ୍ରୀ ଲାଜେଇ କି : ତମେ ବି ନା..
ସ୍ୱାମୀ : ସତ କଥା କହୁଛି ତମେ ଯଦି ଏମିତି ନ କର, ଆଉ ଖାଇବାରୁ ଚୁଟି ବାହାରେ ତେବେ ତମକୁ ସଜନୀରୁ ଗଜନୀ ବନେଇ ଦେବି ।

× × × × ×

ଚୋର ଏକ ଘରକୁ ଚୋରି କରିବାକୁ ଯାଇଥାଏ ।
ଲକର୍ ଭାଙ୍ଗିବା ବେଳକୁ ଦେଖିଲା ସେଥିରେ ଲେଖାଥିଲା : ଲକର ଭାଙ୍ଗିବା ଦରକାର ନାହିଁ । ଏଠି ଥିବା ସୁଇଚ୍ ଚିପି ଦିଅ । ଲକର୍ ଖୋଲିଯିବ ।
ଚୋର ଖୁସିରେ ସୁଇଚ୍ ଚିପି ଦେଲା । କିଛି ସମୟ ପରେ ପୋଲିସ୍ ଆସି ପହଞ୍ଚିଗଲେ । ଆଉ ଚୋରକୁ ଆରେଷ୍ଟ କରିନେଲେ ।
ପୋଲିସ୍ ଚୋରକୁ : ନିଜ ସଫେଇରେ କିଛି କହିବାକୁ ଚାହୁଁଛ ?
ଚୋର : କ'ଣ ଆଉ କହିବି, ଲୋକଙ୍କ ଉପରୁ ବିଶ୍ୱାସ ଉଠିଗଲା ।

× × × × ×

ମଣ୍ଟୁ ମୁନାକୁ : ତୋ ବାପା ଟେଲର୍ । ତଥାପି ତୁ ଚିରା ଶାର୍ଟ ପିନ୍ଧିକି ଆସୁଛୁ । ଲାଜ ଲାଗିବା କଥା ।
ମୁନା : ତତେ ବି ଲାଜ ଲାଗିବା କଥା ଯେ, ତୋ ବାପା ଡେଣ୍ଟିଷ୍ଟ ହୋଇ ମଧ ତୋ ସାନ ଭାଇ ବିନା ଦାନ୍ତରେ ଜନ୍ମ ହେଲା ।

× × × ×

ରାଜୁ ଗୋପକୁ : କାଲି ମୁଁ ଭୋଜି ଖାଇବାକୁ ଯାଇଥିଲି । ସେଠି କ'ଣ ହେଲା ଜାଣିଛୁ ?
ଗୋପ : କ'ଣ ହେଲା ?
ରାଜୁ : ମୁଁ ଟେବୁଲ ଉପରେ ମାସ୍କ ରଖି ଭୋଜି ଖାଉଥାଏ । ଜଣେ ଆସି ମୋ ମାସ୍କରେ ଖିରି ବାଢିଦେଇ ଚାଲିଗଲା ।

# ଗୋଲମରିଚର ଉପକାରିତା

ଗୋଲମରିଚକୁ ଆମେ ମସଲା ରୂପେ ବ୍ୟବହାର କରୁ ଏଥି ସହିତ ସ୍ୱାସ୍ଥ୍ୟ ପାଇଁ ମଧ ଖୁବ୍ ଉପକାରୀ । ଏହା ଷ୍ଟାମିନା ବଢ଼ାଇବା ସହିତ ଦୁର୍ବଳତାକୁ ମଧ୍ୟ ଦୂର କରେ । ଆହୁରି ମଧ ଅନେକ ରୋଗରୁ ମୁକ୍ତି ଦିଏ ଗୋଲମରିଚ ।

ଯଦି ଆପଣ ଅଚାନକ ଦୁର୍ବଳତା ଅନୁଭବ କରୁଛନ୍ତି ତେବେ ଆଦୌ ଚିନ୍ତା କରନ୍ତୁ ନାହିଁ, ଗରମ ପାଣିରେ ଗୋଲମରିଚ ଗୁଣ୍ଡ ପକାଇ ପିଅନ୍ତୁ । କିଛି ଦିନ ଏମିତି ନିୟମିତ ପିଇବା ଫଳରେ ଆପଣ ନିଜକୁ ସୁସ୍ଥ ଅନୁଭବ କରିବା ସହିତ ଷ୍ଟାମିନା ବଢ଼ିଥାଏ ।

ଗବେଷଣା ଅନୁସାରେ ଗରମ ପାଣିରେ ଗୋଲମରିଚ ଗୁଣ୍ଡର ବାସ୍ନା ନେବା ଫଳରେ ଧୂମପାନ ଅଭ୍ୟାସ ଅଳ୍ପ ଦିନ ଭିତରେ ଦୂରହୋଇଯିବ ବୋଲି ଜଣାପଡିଛି ।

ଗୋଲମରିଚ ଟେଷ୍ଟୋଷ୍ଟେରନର ସ୍ତରକୁ ବଢ଼ାଇବା ସହିତ ଜିଙ୍କ ଓ ମ୍ୟାଗ୍ନେସିୟମକୁ ବଢ଼ାଇଥାଏ ଫଳରେ ପୁରୁଷଙ୍କ ସେକ୍ସ ହର୍ମୋନ ପାଇଁ ଅତି ଆବଶ୍ୟକ ତତ୍ତ୍ୱ । ଗୋଲମରିଚରେ ସ୍ପର୍ମ କାଉଣ୍ଟ ବଢ଼ାଇବାର କ୍ଷମତା ରହିଛି ।

ବର୍ଷାଦିନରେ ସର୍ଦ୍ଦି ଓ ଥଣ୍ଡା ଯୋଗୁଁ ବହୁ ଲୋକ କଷ୍ଟ ଅନୁଭବ କରିଥାନ୍ତି । ଥଣ୍ଡା କବଳରୁ ରକ୍ଷା ପାଇବା ପାଇଁ ଏହାକୁ ଅଦା ସହିତ ମିଶାଇ ଚା' କରି



ପିଇବା ଫଳରେ ଥଣ୍ଡା ରୋଗରୁ ମୁକ୍ତି ମିଳେ ।

ଗୋଲ ମରିଚକୁ ଗରମ ପାଣିରେ ନିୟମିତ ପିଇବା ଫଳରେ ଏହା ଆପଣଙ୍କ ଶରୀରର ଜଳୀୟ ଅଂଶ କମି ଦୂର କରେ ।

କବଜକୁ ଦୂର କରିବା ପାଇଁ ଗୋଲମରିଚ ଗୁଣ୍ଡ ରାମବାଣ ପରି କାମ କରେ ଏହାକୁ ଖାଲିପେଟରେ ଗରମ ପାଣି ସହିତ ପିଅନ୍ତୁ । ଏହା ଏସିଡିଟି ମଧ୍ୟ ଦୂର କରେ ।

ଗୋଲମରିଚକୁ ଗରମ ପାଣିରେ ଖାଲି ପେଟରେ ପିଇଲେ ଏଥିରେ ଥିବା ଆଇରନ କମି ପୂରଣ କରିବା ସହିତ ଶରୀରରେ ରକ୍ତ ସୃଷ୍ଟି କରେ ଓ ଆନେମିଆ ରୋଗରୁ ମୁକ୍ତି ଦେଇଥାଏ ।

# ଗୁଣକାରୀ କଖାରୁ ମଞ୍ଜି

ଘରେ ରୋଷେଇ କରିବାବେଳେ ମାଦ କଖାରୁ ମଞ୍ଜିକୁ ଅଦରକାରି ଭାବି ଫୋପାଡି ଦେଇଥାନ୍ତି ହେଲେ ପ୍ରକୃତରେ କଖାରୁ ମଞ୍ଜି ଆମ ପାଇଁ ବହୁତ ଉପକାରୀ । ପୋଷକତତ୍ତ୍ୱରେ ଭରପୁର ଏହି ପଦାର୍ଥ ଯାହା ଆମ ଶରୀର ପାଇଁ ନିତାନ୍ତ ଦରକାର ବା ଶରୀର ପାଇଁ ଉପକାରୀ ହୋଇଥାଏ ।



ମ୍ୟାଗ୍ନେସିୟମରେ ଭରା କଖାରୁ ମଞ୍ଜି ଆମ ହାର୍ଟକୁ ସୁସ୍ଥ ଏବଂ ସକ୍ରିୟ ରଖିବାରେ ସାହାଯ୍ୟ କରେ । ବହୁମାତ୍ରାରେ ଜିଙ୍କର ଉପସ୍ଥିତ ହେତୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏହି ମଞ୍ଜି । କଖାରୁ ମଞ୍ଜିକୁ ପୁରୁଷମାନେ ବହୁମାତ୍ରାରେ ଖାଇବା ଭଲ ହୋଇଥାଏ, କାରଣ ଏହାକୁ ଖାଇବା ଫଳରେ ପୁରୁଷମାନଙ୍କ ପ୍ରୋଷ୍ଟେଟ୍ ଗ୍ରନ୍ଥିର ଫଙ୍କସନ୍ ପାଇଁ ଜିଙ୍କର ମାତ୍ରା କମି ନ ଥାଏ ।

ବର୍ତ୍ତମାନ ସମାଜକୁ ଗ୍ରାସ କରିଥିବା ମଧୁମେହ ରୋଗର ନିରାକରଣ ପାଇଁ କଖାରୁ ମଞ୍ଜି ସାହାଯ୍ୟକାରୀ, ଏହା ଶରୀରର ଇନ୍ସୁଲିନର ପରିମାଣକୁ ସନ୍ତୁଳିତ କରିଥାଏ ଯାହା ଫଳରେ ଶରୀରରେ ସୁଗାର ମାତ୍ରା ଠିକ୍ ରୁହେ । ତେବେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆପଣ ଆଜିଠାରୁ ହିଁ ନିଜର ଖାଦ୍ୟ ତାଲିକାରେ କଖାରୁ ମଞ୍ଜିକୁ ସାମିଲ କରିଦିଅନ୍ତୁ ।

# ସୋରିଷ ଶାଗର ଲାଭ

ସୋରିଷ ଗଛର ମଞ୍ଜି, ପତ୍ର ଏବଂ କାଣ୍ଡ ମଧ ଖାଇବା ପାଇଁ ଉପଯୁକ୍ତ । ସୋରିଷ ମଞ୍ଜିକୁ ମସଲା ରୂପେ ବ୍ୟବହାର କରାଯାଇଥାଏ । ପ୍ରତି ୧୦୦ ଗ୍ରାମ ପତ୍ରରେ କାର୍ବୋହାଇଡ୍ରେଟ୍ ୪.୫ ଗ୍ରାମ୍, ପୁଷ୍ଟିସାର ୩ଗ୍ରାମ୍, ଭିଟାମିନ୍ ଏ ୩୦୦ ମାଇକ୍ରୋଗ୍ରାମ୍, ଭିଟାମିନ୍ 'ସି' ୬୫ ମି.ଗ୍ରାମ୍, ଲୌହ ୧.୭ ମି.ଗ୍ରାମ, କ୍ୟାଲସିୟମ୍ ୧୧୫ ମି.ଗ୍ରାମ୍ ଥାଏ ।



**ଔଷଧୀୟ ଗୁଣ :** ସୋରିଷ ପତ୍ର ବହୁତ କମ୍‌କ୍ୟାଲୋରୀଯୁକ୍ତ, ତେଣୁ ଏହାକୁ ଶାଗ ରୂପେ ଖାଇଲେ ମଧୁମେହ ରୋଗ ନିୟନ୍ତ୍ରଣ ହେବାର ସମ୍ଭାବନା ରହିଛି । ଏହି ଶାଗରେ ଭିଟାମିନ୍ 'କେ' ଥିବାରୁ ଆଲଜାଇମର୍ ରୋଗୀଙ୍କ ପାଇଁ ଭଲ । ସତେଜ ଥିବା ଶାଗକୁ ରାନ୍ଧି ଖାଇବା ଦ୍ୱାରା ଶରୀରକୁ ଭିଟାମିନ୍ 'ବି' ପ୍ରଚୁର ପରିମାଣରେ ମିଳିଥାଏ । ଶରୀରରେ କ୍ୟାଲସିୟମ୍ ଥିବାରୁ ହାଡ଼ ଶକ୍ତ ହୋଇଥାଏ । ଚର୍ମ ରୋଗୀମାନେ ନିୟମିତ ଏହାର ଶାଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ସୋରିଷ ଶାଗ ଖାଇବା ଦ୍ୱାରା ଶରୀରର ସ୍ନାୟୁଗୁଡିକର କୋଷ ଶକ୍ତ ହୋଇଥାଏ ।

# ଆପଣ ଜାଣନ୍ତି କି ?

- ଶହେ ମିଲିୟନ୍ ବର୍ଷ ତଳେ ଭାରତ ଏକ ଦ୍ୱୀପ ମାତ୍ର ଥିଲା ।
- ଇଣ୍ଡସ୍ ନଦୀ ନାମରୁ ଇଣ୍ଡିଆ ନାମ କରଣ ହୋଇଛି ।
- ଇଣ୍ଡସ୍ ଉପତ୍ୟକାରେ ଗଢ଼ି ଉଠିଥିବା ସଭ୍ୟତା ହେଉଛି ସାରା ବିଶ୍ୱର ସବୁଠାରୁ ପୁରାତନ ସଭ୍ୟତା ।
- ଭାରତ ହେଉଛି ପୃଥିବୀର ସବୁଠାରୁ ପୁରାତନ ପ୍ରଗତିଶୀଳ ସଭ୍ୟତା ।
- ଜାତିସଂଘର ଶାନ୍ତି ସୁରକ୍ଷା ମିଶନ ଆରମ୍ଭରୁ ଭାରତ ସବୁଠାରୁ ବଡ଼ ସଙ୍ଗଠକ ଭାବେ କାର୍ଯ୍ୟ କରି ଆସୁଛି ।
- ବୃହତ୍ତମ ତଥା ସକ୍ରିୟ ସେନା ରଖିବାରେ ଆମେରିକା, ଚିନକୁ ଛାଡି ଦେଲେ ଭାରତ ହେଉଛି ପୃଥିବୀର ତୃତୀୟ ଦେଶ ।
- ଭାଟିକାନ୍ ସିଟି ଓ ମକ୍କା ପରିଦର୍ଶନ କରିବାକୁ ଯାଉଥିବା ପର୍ଯ୍ୟଟକଙ୍କ ଦ୍ୱିଗୁଣ ପର୍ଯ୍ୟଟକ ବାଲାଜୀ ମନ୍ଦିର ଓ କାଶୀବିଶ୍ୱନାଥ ମନ୍ଦିର ପରିଦର୍ଶନ କରିଥାନ୍ତି ।
- ଭାରଣାସୀ ପୃଥିବୀର ସର୍ବ ପୁରାତନ ସହର ଭାବେ ଏବେ ବି ପ୍ରତିଷ୍ଠା ଲାଭ କରିଛି ।
- ଅନ୍ୟ ଦେଶଗୁଡିକଠାରୁ ଭାରତରେ ଅଧିକ ମସଜିଦ୍ ରହିଛି । ପ୍ରାୟ ୩ ଲକ୍ଷ ।
- ମୁସଲମାନ ବହୁଳ ରାଷ୍ଟ୍ରଭାବେ ଭାରତ ସାରା ବିଶ୍ୱରେ ତୃତୀୟ ସ୍ଥାନ ଅଧିକାର କରିଛି ।
- ତକ୍ଷଶୀଳା ହେଉଛି ପୃଥିବୀର ସର୍ବ ପ୍ରଥମ ତଥା ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ । ଏହାକୁ ଖ୍ରୀଷ୍ଟ ପୂର୍ବ ୭୦୦ ମସିହାରେ ପ୍ରତିଷ୍ଠା କରାଯାଇଥିଲା ।

# ବହୁ ଉପକାରୀ ସୈନ୍ଧବ ଲବଣ ପାଣି

ଛୋଟ ମୋଟ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକୁଳିବା ପାଇଁ ଖାଲି ପେଟରେ ସୈନ୍ଧବ ଲବଣ ପାଣି ପିଅନ୍ତୁ । ପ୍ରତିଦିନ ସକାଳୁ ଖାଲି ପେଟରେ ୧ଗ୍ଲାସ ଉଷୁମ ପାଣିରେ ଏକ ଚାମଚ ସୈନ୍ଧବ ଲବଣର ୪ ଭାଗରୁ ଭାଗେ ଗୋଳାଇ ପିଅନ୍ତୁ ।



ପେଟ ସମସ୍ୟା ହେଲେ ସୈନ୍ଧବ ଲୁଣଯୁକ୍ତ ପାଣି ପିଅନ୍ତୁ । ଏହାଦ୍ୱାରା ପାଚନ ତନ୍ତ୍ର ମଜବୁତ ରହିବା ସହ ଗ୍ୟାସ ସମସ୍ୟାରୁ ମଧ ମୁକ୍ତି ମିଳିବ ।

ଏହି ଲୁଣ ପାଣି ଶରୀରରେ କ୍ୟାଲସିୟମ ଅଭାବକୁ ପୂରଣ କରେ । ତେଣୁ ପ୍ରତିଦିନ ଏହାକୁ ପିଇଲେ ହାଡ଼ ମଜବୁତ ରହିବ ।

ପ୍ରତିଦିନ ସୈନ୍ଧବ ଲବଣ ପାଣି ପିଇଲେ ଏହା ଶରୀରରୁ ହାନିକାରକ ବ୍ୟାକ୍ଟେରିଆ ନଷ୍ଟ କରିବ ।

ଲିଭର ସମ୍ବନ୍ଧିତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସୈନ୍ଧବ ଲବଣ ପାଣି ପିଅନ୍ତୁ । ଏହାଦ୍ୱାରା ଲିଭରରେ ଥିବା ମୃତ କୋଷିକାଗୁଡିକ ବାହାରିଯାଏ ଓ ନୂଆ କୋଷର ବିକାଶ ହୋଇଥାଏ ।

ସୈନ୍ଧବ ଲବଣ ପାଣି ପିଇବା ଦ୍ୱାରା ତ୍ୱଚାରୁ କଳା ଦାଗ ଓ ବ୍ରଣ ଜନିତ ସମସ୍ୟା ଦୂର ହୋଇଥାଏ । ମୁହଁ କଳା ପଡ଼ିବା, ଧଳା ଦାଗ ଆଦି ଦୂର ହୁଏ । ଯେଉଁମାନଙ୍କର ମଳିନ ଚେହେରା ପ୍ରତିଦିନ ସେମାନେ ଏହି ପାଣି ପିଇବା ଦ୍ୱାରା ଚେହେରା ଆକର୍ଷଣୀୟ ଦେଖାଯାଏ ।

ଅନିଦ୍ରାଜନିତ ସମସ୍ୟାରେ ଅନେକ ବହୁ କଷ୍ଟ ପାଇଥାନ୍ତି । ପ୍ରତିଦିନ ସୈନ୍ଧବ ଲବଣ ପାଣି ପିଇଲେ ଏହି ସମସ୍ୟା ଦୂର ହୋଇଥାଏ । ଏଥିରେ ଥିବା ମିନେରାଲ ମସ୍ତିଷ୍କକୁ ଶାନ୍ତ କରେ ଓ ଭଲ ନିଦ କରାଇଥାଏ ।

# ଫୁଡ୍ ପଏଜନିଂର କାରଣ ଆଇସକ୍ରିମ୍

ମଧୁମେହ, ମେଦବହୁଳଆଦିକୁ ବୃଦ୍ଧି କରାଉଥିବା ଆଇସକ୍ରିମ୍ ସଭିଙ୍କର ଅତି ପ୍ରିୟ । କିନ୍ତୁ ତରଳ ରୂପ ନେଲେ ଏହା ଫୁଡ୍ ପଏଜନିଂର କାରଣ ସାଜେ । ପ୍ରତିବର୍ଷ ଯୁକେରେ ଲକ୍ଷ ଲକ୍ଷ ଲୋକ ଏହାର ଶିକାର ହେଉଛନ୍ତି । ଆଇସକ୍ରିମ ତରଳିଲେ ଏଥିରେ ଲିଷ୍ଟେରିଆ ନାମକ ବ୍ୟାକ୍ଟେରିଆ ଆସି ମିଶେ । ଯାହା ପରେ ଆମ ଶରୀରକୁ ଯାଇ ଫୁଡ୍ ପଏଜନିଂର କାରଣ ହୁଏ । ୨୦୧୫ ରେ ୩ ଜଣ ବ୍ୟକ୍ତି ଏହି ଫୁଡପଏଜନିଂର ଶିକାର ହୋଇ ମୃତ୍ୟୁବରଣ କରିଥିଲେ ଓ ୫ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସାଧାରଣତଃ ଅନେକ ଆଇସକ୍ରିମ ଫ୍ରିଜରୁ ବାହାର କରି ରୁମ୍ ତାପମାତ୍ରାରେ ଥଣ୍ଡା କମ୍ କରିବାକୁ ଛାଡ଼ି ଦିଅନ୍ତି ଏବଂ ତାକୁ ନଖାଇ ପୁଣିଥରେ ଆଇସକ୍ରିମ୍‌କୁ ଫ୍ରିଜରେ ରଖି ଦେଇଥାନ୍ତି । ବାରମ୍ବାର ଏହି ପ୍ରକ୍ରିୟା ଦ୍ୱାରା ଲିଷ୍ଟେରିଆ ବ୍ୟାକ୍ଟେରିଆଙ୍କ



ସଂଖ୍ୟା ଆଇସକ୍ରିମରେ ବୃଦ୍ଧିପାଏ । ସେଥିପାଇଁ ଆବଶ୍ୟକ ଅନୁଯାୟୀ ଆଇସକ୍ରିମ ଫ୍ରିଜରୁ ବାହାର କରନ୍ତୁ ଏବଂ ତରଳ ହେବାକୁ ନ ଦେଇ ତୁରନ୍ତ ଖାଆନ୍ତୁ । ବଜାରରେ ମିଳୁଥିବା ଆଇସକ୍ରିମରେ ସାଧାରଣତଃ ଅଣ୍ଡା ଦିଆଯାଇ ପ୍ରୋସେସ୍ ହୋଇ ରହିଥାଏ ଏବଂ ଏହା ଶରୀର ପାଇଁ ହାନିକାରକ । ସେଥିପାଇଁ ଯେତେସମ୍ଭବ କ୍ଷୀର ଓ କ୍ରିମରେ ଘରେ ଆଇସକ୍ରିମ ପ୍ରସ୍ତୁତ କରି ଖାଆନ୍ତୁ । କିନ୍ତୁ ଥଣ୍ଡା ଦିନେ ଏହାକୁ ଖାଇବା ଠିକ୍ ନୁହେଁ ।

# କହିପାରିବେ କି ?

(୧) ଲୋଦି ସାମ୍ରାଜ୍ୟର ପ୍ରତିଷ୍ଠାତା କିଏ ?
(୨) ଜବାହାର ଲାଲ ନେହେରୁଙ୍କୁ କେବେ ଭାରତ ରତ୍ନ ଦିଆଯାଇଥିଲା ?
(୩) ହିନ୍ଦୁ ପୁନର୍ବିବାହ ପ୍ରଥାକୁ କେବେ ଆଇନତଃ ସମ୍ମତି ମିଳିଥିଲା ?
(୪) ମାଡ୍ରାସ୍‌ର ନାମ କେବେ ଚେନ୍ନାଇ ହୋଇଥିଲା ?
(୫) କେଉଁ ମସିହାରେ ଭାରତୀୟ ଜାତୀୟ ପତାକା ସମ୍ବିଧାନ ସଭାରେ ଗୃହୀତ ହୋଇଥିଲା ?
(୬) ପ୍ରଥମ ଥର ପାଇଁ ଭର୍ଜିନିଆରୁ ଇଂଲଣ୍ଡକୁ କିଏ ଟବାକୋ ଆଣିଥିଲେ ?
(୭) ପ୍ରୁସିଆ ଓ ଅଷ୍ଟ୍ରିଆ ମଧ୍ୟରେ କେବେ ଶାନ୍ତି ପାଇଁ ସନ୍ଧି ହୋଇଥିଲା ?
(୮) ବଲିଉଡ଼ର ପ୍ରସିଦ୍ଧ ଗାୟକ ସୋନୁ ନିଗମ କେଉଁଠି ଜନ୍ମ ହୋଇଛନ୍ତି ?
(୯) ପ୍ରଖ୍ୟାତ ହିନ୍ଦୀ ଲେଖକ ପ୍ରେମ ଚାନ୍ଦ କେବେ ଜନ୍ମ ହୋଇଥିଲେ ?
(୧୦) ହୋମ ରୁଲ୍ ଲିଗ୍ କିଏ ଆରମ୍ଭ କରିଥିଲେ ?

## JUMBLE WORDS

| | | | |
|---|---|---|---|
| 1) TGRATE | = | 6) RFTOGE | = |
| 2) HETRAR | = | 7) SHOWE | = |
| 3) NIHYS | = | 8) SEDSR | = |
| 4) WTHIC | = | 9) PAAPER | = |
| 5) IODNGI | = | 10) CXEEUS | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.କୁମାର ସାଙ୍ଗକାରା, ୨.ପ୍ରଥମ ମହିଳା ଓକିଲ, ୩. ପ୍ରିୟଙ୍କା ଚୋପ୍ରା, ୪.ଶଶୀ ଥରୁର, ୫.ସିବିଆ, ୬. ବାପା ନଦକରର୍ଣ୍ଣି, ୭.ଗୁଣ୍ଡାପା ବିଶ୍ୱନାଥ, ୮.ଆଇଜାକ୍ ନ୍ୟୁଟନ, ୯.୧୯୦୦, ୧୦.ରଜନୀକାନ୍ତ ।

***Jumble Words* ର ଉତ୍ତର :-**

(1) TEETH (2) HOLLY (3) HICCUP (4) INJECT (5) WHOLE (6) BLAND (7) HIGHLY (8) DAMAGE (9) AVIAN (10) BLAZE

# ଭାରତ କୌଣସି ଚାପର ବଶବର୍ତ୍ତୀ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ବିରୋଧୀଙ୍କ ଖରାପ ଭାଷା ଏବଂ ନିରନ୍ତର ଚିତ୍କାର 'କଳା ଟିକା' ଭଳି (କୁଦୃଷ୍ଟିକୁ ଦୂର କରିବା ଲାଗି) କାମ କରେ ବୋଲି ସେ କହିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବିରୋଧୀଙ୍କ ସମାଲୋଚନାର ଶିକାର ହୋଇଥିବା ସମସ୍ତ ଅନୁଷ୍ଠାନ ସବୁବେଳେ ଉଜ୍ଜ୍ୱଳ ହୋଇଥାଏ ଏବଂ ଏହା 'ବିରୋଧୀଙ୍କ ଗୁପ୍ତ ବରଦାନ' । 'ସେମାନେ ଯାହାର ଖରାପ ଚାହାଁନ୍ତି, ସେଗୁଡ଼ିକ ଭଲ କରନ୍ତି' । ପ୍ରଧାନମନ୍ତ୍ରୀ ବ୍ୟାଙ୍କିଙ୍ଗ କ୍ଷେତ୍ରର ବିକାଶ ପ୍ରତି ବିରୋଧୀଙ୍କ ଆଭିମୁଖ୍ୟକୁ ସ୍ମରଣ କରି କହିଥିଲେ ଯେ, ସେମାନେ ଭୁଲ ସୂଚନା ପ୍ରସାର କରିବା ଏବଂ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ । ତେବେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ନିଟ୍ ଲାଭ ଦୁଇଗୁଣ ବୃଦ୍ଧି ପାଇଛି । ସେ ଫୋନ୍ ବ୍ୟାଙ୍କିଙ୍ଗ୍ ଦୁର୍ନୀତି ବିଷୟରେ ମଧ୍ୟ ଆଲୋକପାତ କରିଥିଲେ ଯାହା ଦେଶକୁ ଏନପିଏ ସଙ୍କଟ ଆଡ଼କୁ ଠେଲି ଦେଇଥିଲା । ସେ ଆହୁରି କହିଥିଲେ ଯେ ଦେଶ ଏଥିରୁ ନିଜକୁ ପୁନରୁଦ୍ଧାର କରିସାରିଛି ଏବଂ ବର୍ତ୍ତମାନ ଆଗକୁ ବଢୁଛି । ସେ କହିଛନ୍ତି ଯେ ହାଲ୍ ସଫଳତାର ନୂତନ ଶିଖର ଛୁଇଁଛି ଏବଂ ସର୍ବାଧିକ ରାଜସ୍ୱ ସଂଗ୍ରହ ରେକର୍ଡ କରିଛି । ଏଲଆଇସିକୁ ନେଇ ବିରୋଧୀମାନେ କରୁଥିବା ଅପପ୍ରଚାର ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏଲଆଇସି ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି । କିଛି ଦିନ ପୂର୍ବରୁ ତାଙ୍କର ତୃତୀୟ ପାଳିରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏ ବିଷୟରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ, ଦେଶର ସାମର୍ଥ୍ୟ ଓ ସମର୍ପଣରେ ବିରୋଧୀ ବିଶ୍ୱାସ କରନ୍ତି ନାହିଁ । ଏକ ଦାୟିତ୍ୱବାନ ବିରୋଧୀ ଭାବରେ ସେମାନେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସରକାରଙ୍କ ରୋଡମ୍ୟାପ୍ ଉପରେ ପ୍ରଶ୍ନ କରିବା ଉଚିତ୍ ଥିଲା କିମ୍ବା ଅତି କମରେ ପରାମର୍ଶ ଦେବା ଉଚିତ୍ ଥିଲା କିନ୍ତୁ ତାହା ହୋଇ ନ ଥିଲା । ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ ହେବା ପାଇଁ କିଛି କରିବାର ଆବଶ୍ୟକତା ନାହିଁ ବୋଲି ଦାବି କରୁଥିବା ବିରୋଧୀଙ୍କ ଶିଥିଳତାକୁ ସେ ସମାଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିରୋଧୀଙ୍କ ଏଭଳି ଆଭିମୁଖ୍ୟ ନୀତି, ଉଦ୍ଦେଶ୍ୟ, ଦୂରଦୃଷ୍ଟି, ବିଶ୍ୱ ଅର୍ଥନୀତିର ଜ୍ଞାନ ଏବଂ ଭାରତର ସାମର୍ଥ୍ୟକୁ ବୁଝିବାର ଅଭାବକୁ ସୂଚାଉଛି ।

ଭାରତ କିପରି ଦାରିଦ୍ର୍ୟ ଭିତରେ ବୁଡ଼ି ଯାଇଥିଲା ଏବଂ ୧୯୯୧ରେ ଦେବାଳିଆ ହେବାକୁ ଯାଉଥିଲା ତାହା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ତେବେ ୨୦୧୪ ପରେ ଭାରତ ବିଶ୍ୱର ଶ୍ରେଷ୍ଠ ୫ଟି ଅର୍ଥବ୍ୟବସ୍ଥା ମଧ୍ୟରେ ସ୍ଥାନ ପାଇଥିଲା । ନିର୍ଦ୍ଦିଷ୍ଟ ଯୋଜନା ଓ କଠିନ ପରିଶ୍ରମ ଦ୍ୱାରା 'ସଂସ୍କାର, ପ୍ରଦର୍ଶନ ଓ ରୂପାନ୍ତର' ମନ୍ତ୍ର ମାଧ୍ୟମରେ ଏହା ହାସଲ ହୋଇଛି ବୋଲି ସେ କହିଥିଲେ । ଏହା ଜାରି ରହିବ ଏବଂ ଆବଶ୍ୟକ ସଂସ୍କାର କରାଯିବ ବୋଲି ସେ କହିଛନ୍ତି । ୨୦୨୮ରେ ଯେତେବେଳେ ଆପଣ ଅନାସ୍ଥା ପ୍ରସ୍ତାବ ଆଣିବେ, ସେତେବେଳେ ଦେଶ ବିଶ୍ୱର ଶ୍ରେଷ୍ଠ ୩ ଅର୍ଥବ୍ୟବସ୍ଥା ମଧ୍ୟରେ ରହିବ ବୋଲି ସେ ଗୃହରେ କହିଥିଲେ । ବିରୋଧୀଙ୍କ ଅବିଶ୍ୱାସଜନକ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇବା ଜାରି ରଖି ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ, ଜନଧନ ଆକାଉଣ୍ଟ, ଯୋଗ, ଆୟୁର୍ବେଦ, ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଏବଂ ମେକ୍ ଇନ୍ ଇଣ୍ଡିଆ ଭଳି ଅଭିଯାନ ଉପରେ ସେମାନଙ୍କର ବିଶ୍ୱାସର ଅଭାବ ବିଷୟରେ କହିଥିଲେ । କଂଗ୍ରେସ ଶାସନ ସମୟରେ କାଶ୍ମୀରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ତତ୍କାଳୀନ ସରକାର ପାକିସ୍ତାନ ସହ ସହମତ ହୋଇଥିଲେ ଏବଂ ଆତଙ୍କବାଦ ସହ ଶାନ୍ତି ଆଲୋଚନା ଏକସଙ୍ଗେ ଜାରି ରଖିବେ ବୋଲି କହିଥିଲେ । କାଶ୍ମୀରବାସୀଙ୍କ ପରିବର୍ତ୍ତେ ହୁରିୟତ ସହ ସେମାନଙ୍କର ସମ୍ପର୍କ ବିଷୟରେ ମଧ୍ୟ ଶ୍ରୀ ମୋଦୀ କହିଥିଲେ । ସର୍ଜିକାଲ ଷ୍ଟ୍ରାଇକ୍ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରି କହିଥିଲେ ଯେ, ବିରୋଧୀମାନେ କିପରି ଏହି ପ୍ରସଙ୍ଗରେ ସରକାରଙ୍କ ଉପରେ ବିଶ୍ୱାସ କରିବା ପରିବର୍ତ୍ତେ ଶତ୍ରୁଙ୍କ ବୟାନକୁ ବିଶ୍ୱାସ କରିବାକୁ ପସନ୍ଦ କରିଛନ୍ତି ।

ଯେଉଁମାନେ ଦେଶ ବିଷୟରେ ଖରାପ କଥା କହୁଛନ୍ତି ସେମାନଙ୍କୁ ବିରୋଧୀମାନେ ତୁରନ୍ତ ବିଶ୍ୱାସ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏହାର ଉଦାହରଣ ଦେଇ ସେ କହିଥିଲେ, ଏକ ବିଦେଶୀ ଏଜେନ୍ସିର ଏକ ଭୁଲ ରିପୋର୍ଟରେ ଖାଦ୍ୟ ସଂକଟ ସହ ମୁକାବିଲା କରୁଥିବା ଏକ ଦେଶକୁ କେତେକ ମାନଦଣ୍ଡରେ ଭାରତ ଠାରୁ ଆଗରେ ଦର୍ଶାଯାଇଥିଲା । ସେ କହିଥିଲେ ଯେ ବିରୋଧୀମାନେ ଏଭଳି ଭୁଲ ଖବରକୁ ଗ୍ରହଣ କରନ୍ତି ଏବଂ ପ୍ରତ୍ୟେକ ସୁଯୋଗରେ ଦେଶକୁ ବଦନାମ କରିବାକୁ ଚେଷ୍ଟା କରନ୍ତି । ମେଡ୍ ଇନ୍ ଇଣ୍ଡିଆ କରୋନା ଟିକାର ଉଦାହରଣ ଦେଇ ସେ କହିଥିଲେ ଯେ ବିରୋଧୀ ଏହାକୁ ବିଶ୍ୱାସ କରି ନ ଥିଲେ ବରଂ ବିଦେଶୀ ନିର୍ମିତ ଟିକା ଉପରେ ଧ୍ୟାନ ଦେଇଥିଲେ । ସେ କହିଥିଲେ ଯେ ବିରୋଧୀମାନେ ଭାରତ ଓ ଏହାର ଲୋକଙ୍କ ସାମର୍ଥ୍ୟ ଉପରେ ବିଶ୍ୱାସ କରନ୍ତି ନାହିଁ । ଅନୁରୂପ ଭାବେ ଲୋକଙ୍କ ଦୃଷ୍ଟିରେ ବିରୋଧୀଙ୍କ ବିଶ୍ୱାସର ସ୍ତର ଅତ୍ୟନ୍ତ ନିମ୍ନ ସ୍ତରରେ ରହିଛି । ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ ମେଣ୍ଟ ନିର୍ମାଣର କୃତ୍ରିମ ପରିବର୍ତ୍ତନ ଦେଶର ଲୋକଙ୍କୁ ବୋକା ବନେଇ ପାରିବ ନାହିଁ ଏବଂ ଏକ ସରଳ ନାମ ପରିବର୍ତ୍ତନ ବିରୋଧୀ ମେଣ୍ଟର ଭାଗ୍ୟ ବଦଳାଇ ପାରିବ ନାହିଁ । ସେମାନେ ବଞ୍ଚିବା ପାଇଁ ଏନଡିଏର ସାହାଯ୍ୟ ନେଇଛନ୍ତି କିନ୍ତୁ ଅହଂକାରର ଦୁଇଟି 'ଆଇ'କୁ ଗ୍ରହଣ କରିଛନ୍ତି, ପ୍ରଥମ 'ଆଇ' ୨୬ଟି ଦଳର ଅହଂକାର ପାଇଁ ଏବଂ ଦ୍ୱିତୀୟ 'ଆଇ' ଗୋଟିଏ ପରିବାରର ଅହଂକାର ପାଇଁ । ଏପରିକି ସେମାନେ ଭାରତକୁ ଆଇ.ଏନ.ଡି.ଆଇ.ଏ.ରେ ବିଭକ୍ତ କରିଥିଲେ । 'ବିରୋଧୀମାନେ ନାମ ପରିବର୍ତ୍ତନ କରିବାରେ ବିଶ୍ୱାସ କରନ୍ତି କିନ୍ତୁ ସେମାନେ ନିଜ କାର୍ଯ୍ୟ ସଂସ୍କୃତିକୁ ପରିବର୍ତ୍ତନ କରି ପାରିବେ ନାହିଁ ବୋଲି ସେ ଜୋର ଦେଇ କହିଥିଲେ । ତାମିଲନାଡୁ ସରକାରଙ୍କ ଜଣେ ମନ୍ତ୍ରୀଙ୍କ ଦେଶ ବିଭାଜନକାରୀ ମନ୍ତବ୍ୟକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଏହି ରାଜ୍ୟ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ରହିଛି । ତାମିଲନାଡୁ ଏପରି ଏକ ରାଜ୍ୟ ଯେଉଁଠାରେ ଦେଶପ୍ରେମର ଧାରା କ୍ରମାଗତ ଭାବରେ ପ୍ରବାହିତ ହୋଇଥାଏ । ପ୍ରଧାନମନ୍ତ୍ରୀ ନାମକୁ ନେଇ ବିରୋଧୀଙ୍କ ଆକର୍ଷଣ ଉପରେ ଆଲୋକପାତ କରିଥିଲେ ଏବଂ ପ୍ରତ୍ୟେକ ଯୋଜନା ଓ ମୁଖ୍ୟ ପ୍ରତୀକକୁ କିପରି ଗୋଟିଏ ପରିବାରର ସଦସ୍ୟଙ୍କ ନାମରେ ନାମିତ କରାଯାଇଥିଲା ସେ ବିଷୟରେ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ଆଇ.ଏନ୍.ଡି.ଆଇ.ଏ.କୁ ଏକ 'ଘମଣ୍ଡିଆ' ମେଣ୍ଟ (ଅହଂକାରୀ ମେଣ୍ଟ) ବୋଲି ଅଭିହିତ କରିବା ସହ ସହଯୋଗୀଙ୍କ ମଧ୍ୟରେ ଥିବା ବିରୋଧାଭାସକୁ ଆଲୋକପାତ କରିଥିଲେ ।

ଦେଶର ସ୍ୱାଧୀନତା ସଂଗ୍ରାମୀ ଏବଂ ପ୍ରତିଷ୍ଠାତାମାନେ ସର୍ବଦା ବଂଶବାଦ ରାଜନୀତିକୁ ବିରୋଧ କରୁଥିଲେ ବୋଲି ଶ୍ରୀ ମୋଦୀ ଜୋର ଦେଇ କହିଥିଲେ । ବଂଶବାଦ ବ୍ୟବସ୍ଥା ସାଧାରଣ ନାଗରିକଙ୍କୁ କ୍ଷତି ପହଞ୍ଚାଇଥାଏ । ବଂଶବାଦ ରାଜନୀତି ଯୋଗୁଁ ପ୍ରମୁଖ ନେତାମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏଭଳି ରାଜନୀତିର ଶିକାର ହୋଇଥିବା ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଚିତ୍ର ଅଣକଂଗ୍ରେସ ସରକାରଙ୍କ ପରବର୍ତ୍ତୀ ବର୍ଷଗୁଡ଼ିକରେ ହିଁ ସଂସଦରେ ସ୍ଥାନ ପାଇଥିଲା । ଷ୍ଟାଚ୍ୟୁ ଅଫ୍ ୟୁନିଟି ଓ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ । ଏହି ସଂଗ୍ରହାଳୟ ସମସ୍ତ ପ୍ରଧାନମନ୍ତ୍ରୀଙ୍କୁ ସମର୍ପିତ ଏବଂ ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ । ୩୦ ବର୍ଷ ପରେ ଭାରତବାସୀ ଦୁଇ ଥର ପୂର୍ଣ୍ଣ ସଂଖ୍ୟାଗରିଷ୍ଠ ତା'ର ସରକାର ନିର୍ବାଚିତ ହୋଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଚୌକିରେ ବସିଥିବା 'ଗରିବ କା ବେଟା' (ଗରିବର ପୁଅ)କୁ ନେଇ ବିରୋଧୀ ବିବ୍ରତ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ । ଅତୀତରେ ବିରୋଧୀମାନେ ବିମାନ ଓ ନୌସେନା ଜାହାଜର ଅପବ୍ୟବହାର କରିଥିବା ବିଷୟରେ ସେ ସୂଚନା ଦେବା ସହ ଏବେ ବିମାନ ଓ ଜାହାଜଗୁଡ଼ିକ ଟିକା ପରିବହନ ଏବଂ ବିଦେଶରେ ଫସି ରହିଥିବା ଲୋକଙ୍କୁ ଫେରାଇ ଆଣିବା ପାଇଁ ସଂଶୋଧନ କରିଛନ୍ତି ବୋଲି ସେ ଦର୍ଶାଇଛନ୍ତି ।

ପ୍ରଧାନମନ୍ତ୍ରୀ ମାଗଣା ରାଜନୀତି ବିରୋଧରେ ଚେତାଇ ଦେବା ସହ ଏଭଳି ରାଜନୀତି କିଭଳି ବିପର୍ଯ୍ୟୟ ଆଣିପାରେ ପଡ଼ୋଶୀ ଦେଶର ପରିସ୍ଥିତି ତାହାର ଏକ ଉଦାହରଣ ବୋଲି କହିଥିଲେ । ବେପରୁଆ ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିବାର ପ୍ରକୃତି ଏବଂ ବିକାଶ ମୂଳକ ପ୍ରକଳ୍ପ ଅଟକି ରହିଥିବା କାରଣରୁ ଲୋକଙ୍କ ଉପରେ ପ୍ରବଳ ଚାପ ପଡୁଥିବା ନେଇ ସେ ଦୁଃଖ ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିରୋଧୀ ମାନେ ମଣିପୁର ସ୍ଥିତି ଉପରେ ଆଲୋଚନା କରିବାକୁ କେବେ ଆଗ୍ରହୀ ନୁହଁନ୍ତି । ସେ କହିଛନ୍ତି ଯେ ଗୃହମନ୍ତ୍ରୀ ଧୈର୍ଯ୍ୟର ସହ ଏବଂ କୌଣସି ରାଜନୀତି ବିନା ପ୍ରସଙ୍ଗକୁ ବିସ୍ତୃତ ଭାବରେ ବୁଝାଇଥିଲେ । ଗୃହମନ୍ତ୍ରୀଙ୍କ ଏହି ସ୍ପଷ୍ଟୀକରଣ ଦେଶ ଓ ଦେଶର ଚିନ୍ତାକୁ ବ୍ୟକ୍ତ କରିବାର ଏକ ପ୍ରୟାସ ଥିଲା । ଏହା ମଣିପୁରରେ ସଦନର ବିଶ୍ୱାସ ପହଞ୍ଚାଇବାର ଏକ ପ୍ରୟାସ ଥିଲା । ଏହି ପ୍ରସଙ୍ଗରେ ଆଲୋଚନା କରିବା ଏବଂ ଉପାୟ ଖୋଜିବା ପାଇଁ ଏହା ଏକ ସଚ୍ଚୋଟ ପ୍ରୟାସ ଥିଲା ।

ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ମଣିପୁରରେ ହୋଇଥିବା ହିଂସା ଦୁଃଖଦାୟକ । ମହିଳାଙ୍କ ବିରୋଧରେ ଅପରାଧ ଗ୍ରହଣୀୟ ନୁହେଁ ଏବଂ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କାର୍ଯ୍ୟ କରିବେ । ଆଗାମୀ ଦିନରେ ମଣିପୁରରେ ଶାନ୍ତି ପ୍ରତିଷ୍ଠା ହେବ ବୋଲି ଆମେ ଯେଉଁ ପ୍ରୟାସ କରୁଛୁ ସେହି ଆଧାରରେ ମୁଁ ଭାରତବାସୀଙ୍କୁ ଆଶ୍ୱାସନା ଦେଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ ମଣିପୁରବାସୀ, ମଣିପୁରର ମା' ଓ ଝିଅମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ଦେଶ ସେମାନଙ୍କ ସହିତ ଛିଡ଼ା ହୋଇଛି ଏବଂ ଗୃହ ସେମାନଙ୍କ ସହିତ ଛିଡ଼ା ହୋଇଛି । ମଣିପୁର ଯେପରି ବିକାଶ ପଥରେ ଫେରିବ ସେଥିପାଇଁ ସରକାର ସବୁ ପ୍ରକାର ଉଦ୍ୟମ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ପ୍ରଧାନମନ୍ତ୍ରୀ ଗୃହରେ ମା' ଭାରତୀ ପାଇଁ ଆପତ୍ତିଜନକ ଭାଷା ବ୍ୟବହାରକୁ ତୀବ୍ର ବିରୋଧ କରିଥିଲେ ଏବଂ କହିଥିଲେ ଯେ ଏମାନେ ବିଭାଜନ ପାଇଁ ଦାୟୀ ଥିଲେ ଓ ବନ୍ଦେ ମାତରମ୍ ମଧ୍ୟ ଉଚ୍ଚାରଣ କରିନଥିଲେ । ବିରୋଧୀଙ୍କ ବିଫଳତାର ଉଦାହରଣ ଭାବେ ଶ୍ରୀ ମୋଦୀ କଚ୍ଚାଥିଭୁ ପ୍ରସଙ୍ଗକୁ ମଧ୍ୟ ଉଲ୍ଲେଖ କରିଥିଲେ ।

ପ୍ରଧାନମନ୍ତ୍ରୀ ଉତ୍ତର-ପୂର୍ବାଞ୍ଚଳକୁ ନେଇ ତିନୋଟି ଘଟଣା ବିଷୟରେ ଉଲ୍ଲେଖ କରିଥିଲେ । ପ୍ରଥମେ ୧୯୬୬ ମସିହା ମାର୍ଚ୍ଚ ୫ ତାରିଖରେ ମିଜୋରାମରେ ଲୋକଙ୍କ ଉପରେ ଆକ୍ରମଣ କରିବା ପାଇଁ ବାୟୁସେନାକୁ ବ୍ୟବହାର କରାଯାଇଥିଲା । ଦ୍ୱିତୀୟତଃ, ୧୯୬୨ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହରୁଙ୍କ ଦ୍ୱାରା ରେଡିଓ ପ୍ରସାରଣ ହୋଇଥିଲା ଏବଂ ସେହି ସମୟରେ ଚୀନ୍ ଆକ୍ରମଣ ଠାରୁ ନିଜକୁ ବଞ୍ଚାଇବା ଲାଗି ଉତ୍ତର-ପୂର୍ବାଞ୍ଚଳର ଲୋକମାନଙ୍କୁ କୁହାଯାଇଥିଲା । ଏହି ଅଞ୍ଚଳ ପ୍ରତି ଅବହେଳା ବିଷୟରେ ରାମ ମନୋହର ଲୋହିଆଙ୍କ ଅଭିଯୋଗକୁ ମଧ୍ୟ ସେ ଉଦାହରଣ ଭାବେ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ ବର୍ତ୍ତମାନର ସରକାରରେ ମନ୍ତ୍ରୀମାନେ ଉତ୍ତର-ପୂର୍ବର ବିଭିନ୍ନ ଜିଲ୍ଲା ସଦର ମହକୁମାରେ ୪୦୦ ରାତ୍ରୀକାଳୀନ ଗସ୍ତ କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ଭାବେ ନିଜେ ୫୦ ଥର ଗସ୍ତ କରିଛନ୍ତି । ଉତ୍ତର-ପୂର୍ବ ସହ ତାଙ୍କର ଭାବପ୍ରବଣ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମଧ୍ୟ ସେ ସମଗ୍ର ଅଞ୍ଚଳ ଭ୍ରମଣ କରିଥିବା ଶ୍ରୀ ମୋଦୀ କହିଥିଲେ ।

ପ୍ରଧାନମନ୍ତ୍ରୀ ଦୋହରାଇଥିଲେ ଯେ ମଣିପୁରର ପରିସ୍ଥିତିକୁ ଏପରି ଭାବରେ ଉପସ୍ଥାପିତ କରାଯାଉଛି, ଯେମିତି ନିକଟରେ ସଂଘର୍ଷ ସୃଷ୍ଟି ହୋଇଛି । କିନ୍ତୁ ମଣିପୁରର ସମସ୍ତ ପ୍ରସଙ୍ଗର ମୂଳ କାରଣ ହେଉଛି କଂଗ୍ରେସ ଏବଂ ଏହାର ରାଜନୀତି । ମଣିପୁର ସମୃଦ୍ଧ ଭାରତୀୟ ସଂସ୍କୃତି ଓ ଐତିହ୍ୟରେ ପରିପୂର୍ଣ୍ଣ ମଣିପୁର ହେଉଛି ଅଗଣିତ ବଳିଦାନର ଭୂମି ବୋଲି ଶ୍ରୀ ମୋଦୀ କହିଥିଲେ । ସେ ରାଜ୍ୟରେ କଂଗ୍ରେସ ସରକାରଙ୍କ ସମୟକୁ ମନେ ପକାଇ ଦେଇଥିଲେ । ଯେତେବେଳେ ପ୍ରତ୍ୟେକ ଅନୁଷ୍ଠାନ ଉଗ୍ରବାଦୀ ସଂଗଠନମାନଙ୍କ ଆହ୍ୱାନରେ କାର୍ଯ୍ୟ କରୁଥିଲା ଏବଂ ସରକାରୀ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଲଗାଇବା ନିଷେଧ ଥିଲା । ମୋଇରାଙ୍ଗସ୍ଥିତ ଆଜାଦ ହିନ୍ଦ ଫୌଜ ସଂଗ୍ରହାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉପରେ ବୋମା ମାଡ଼ ଘଟଣା ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ । ସେ ଆହୁରି ମଧ୍ୟ ମନେ ପକାଇଥିଲେ ଯେ ତତ୍କାଳୀନ ସମୟରେ ମଣିପୁରର ବିଦ୍ୟାଳୟଗୁଡ଼ିକରେ ଜାତୀୟ ସଙ୍ଗୀତ ଗାନକୁ ନିଷେଧ କରାଯାଇଥିଲା ଏବଂ ପାଠାଗାରରୁ ପୁସ୍ତକ ପୋଡିବା ପାଇଁ ଅଭିଯାନ ଆରମ୍ଭ କରାଯାଇଥିଲା । ପ୍ରଧାନମନ୍ତ୍ରୀ କଂଗ୍ରେସ ଶାସନ ସମୟରେ ଏହି ଅଞ୍ଚଳରେ ଉଗ୍ରବାଦୀ କାର୍ଯ୍ୟକଳାପର ଅନେକ ଉଦାହରଣ ଦେଇଥିଲେ । ସନ୍ଧ୍ୟା ୪ଟାରେ ମନ୍ଦିରଗୁଡ଼ିକର କବାଟ ବନ୍ଦ କରିବା, ଇମ୍ଫାଲର ଇସ୍କନ ମନ୍ଦିରରେ ବୋମା ମାଡ଼ ଆଦି ଘଟଣା ବିଷୟରେ କହିଥିଲେ ଯେଉଁଥିରେ ଜୀବନ ହାନି ହୋଇଥିଲା । ସରକାରୀ ଅଧିକାରୀମାନେ ଉଗ୍ରବାଦୀମାନଙ୍କୁ ପ୍ରଦାନ କରିଥିବା ସୁରକ୍ଷା ଅର୍ଥ ବିଷୟରେ ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ।


**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

# ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଜାତୀୟ ଆଲୋଚନାଚକ୍ର








ସମ୍ବଲପୁର : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଦିଲ୍ଲୀର ରାମାନୁଜନ କଲେଜ ସହାୟତାରେ ଦୁଇଦିନ ବ୍ୟାପୀ 'ହୋଲିଷ୍ଟିକ୍ ଏଜୁକେଶନ: ଏନଇପି ୨୦୨୦' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ଶ୍ରୀ ଉପେନ୍ଦ୍ର ତ୍ରିପାଠୀ ଆଭାସି ମାଧମରେ ଉଦ୍‌ଘାଟନ କରିଥିଲେ । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଏନସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷିକେଶ ସେନାପତି ଭିତ୍ତି ସନ୍ଦର୍ଭ ଉପସ୍ଥାପିତ କରିଥିଲେ । ମହାରାଷ୍ଟ୍ରର ପ୍ରଭାରା ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍‌ର କୁଳପତି ପ୍ରଫେସର ଭି.ଏନ୍. ମାଗାରେ ନୂଆଦିଲ୍ଲୀର ରାମାନୁଜନ କଲେଜର ଅଧକ୍ଷ ପ୍ରଫେସର ଏସ୍.ପି ଅଗ୍ରୱାଲ ଏବଂ ଆନ୍ଧ୍ର ବିଶ୍ୱ ବିଦ୍ୟାଳୟର ପ୍ରଫେସର କେ. ପ୍ରସାଦ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥିମାନଙ୍କର ପରିଚୟ ପତ୍ର ପ୍ରଦାନ କରିଥିବା ବେଳେ ଶ୍ରୀ ରଘୁନାଥ ମିଶ୍ର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରୀ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର ରବିନାରାୟଣ ମିଶ୍ର, ଶ୍ରୀ ରାଜେନ୍ଦ୍ର ପଣ୍ଡା ଓ ଡକ୍ଟର ଶ୍ୟାମ ସୁନ୍ଦର ଧର, ପୃଥ୍ୱୀରାଜ ମିଶ୍ର, ଗୋଲକ ବିହାରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ପୂର୍ବରୁ ବ୍ରଜଗୋପିକା ମିଶନର ସ୍ୱାମୀ ଯୁଗଳ ଶରଣ ଜୀ ଆଶୀର୍ବଚନ ଦେଇ ଆଲୋଚନାଚକ୍ରର ସଫଳତା କାମନା କରିଥିଲେ । ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧକ୍ଷତାରେ ଆୟୋଜିତ ବୈଷୟିକ ଅଧିବେଶନରେ ଦିଲ୍ଲୀର ଡକ୍ଟର ନିଖିଳ ରାଜପୁତ ବୈଷୟିକ ବିଜ୍ଞାନ ଶିକ୍ଷା ଏବଂ ଡିଜିଟାଲାଇଜେସନ ଉପରେ ବକ୍ତବ୍ୟ ରଖିଥିଲେ । ଗୁରୁ ଶିଷ୍ୟ ପରମ୍ପରା ଉପରେ ଆୟୋଜିତ ବୈଷୟିକ ଅଧିବେଶନରେ ପଶ୍ଚିମବଙ୍ଗର ପ୍ରଫେସର ଏସ୍. ଚକ୍ରବର୍ତ୍ତୀ ଡକ୍ଟର ଜି.ଏନ୍. ଚୌଧୁରୀ, ଡକ୍ଟର ଶହୀଲ ପାଠକ ଏବଂ ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଆଲୋଚନାଚକ୍ରରେ ଦେଶର ବିଭିନ୍ନ ରାଜ୍ୟରୁ ବହୁ ସଂଖ୍ୟକ ପ୍ରତିନିଧି ଯୋଗ ଦେଇଥିଲେ ।

## ସମ୍ବଲପୁରରେ ମାତୃ ସମୃଦ୍ଧି ଯୋଜନାର ଶୁଭାରମ୍ଭ

ସମ୍ବଲପୁର : ଏମ୍‌ସିଏଲ୍ ସହାୟତାରେ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ପାଇଁ ପ୍ରଥମ କରି ମାତୃ ସମୃଦ୍ଧି ଯୋଜନାର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଅନନ୍ୟା ଦାସ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଇଁଠାପାଲିରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଆଇଏଏସ ପ୍ରୋବେସନାରୀ ସ୍ନେହା ଅଗ୍ରୁଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ପୂର୍ଣ୍ଣ ଚନ୍ଦ୍ର ସାହୁ, ଡିପିଏଚଓ ଡ଼ାକ୍ତର ଅଶୋକ ଦାସ, ଡିପିଏମ ଏନ୍‌ଏଚ୍‌ଏମ୍ ଡ଼. ମୌସୁମୀ ମିଶ୍ର, ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯୋଜନା ଦ୍ୱାରା ଗର୍ଭବତୀଙ୍କ ମୃତ୍ୟୁ, ଶିଶୁ ମୃତ୍ୟୁ ଏବଂ କମ ଓଜନ ଶିଶୁ ଜନ୍ମ ରୋକାଯାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ପ୍ରତି ମାସ ୯ ତାରିଖ ଦିନ ଗର୍ଭବତୀ ମହିଳାଙ୍କୁ ପରୀକ୍ଷା କଲାପରେ ସଙ୍କଟାପନ୍ନ ମହିଳାଙ୍କ ସ୍ଥିତି ଅନୁଧ୍ୟାନ କରି ଚିକିତ୍ସା ସୁବିଧା ଯୋଗେଇଦେବା ସହ ଖାଦ୍ୟପେୟ ପ୍ରସ୍ତୁତି ଓ ଅନ୍ୟାନ୍ୟ ବିଷୟ ପ୍ରତି ସଚେତନ କରାଯିବ । କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳାଙ୍କୁ କିଟ୍ ପ୍ରଦାନ କରଯାଇଛି । ଯେଉଁଥିରେ ପୁଷ୍ଟିକର ଖାଦ୍ୟ, ଆବଶ୍ୟକ ସାମଗ୍ରୀ ସହ ଗର୍ଭବତୀଙ୍କ ସମ୍ପର୍କିତ ସମସ୍ତ ସୂଚନା ରହିଛି । ହାଇରିସ୍କ ମୋବାଇଲ ଆପ୍ ମାଧମରେ ଜଟିଳ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ ସହିତ ସ୍ୱାସ୍ଥ୍ୟସେବା ଯୋଗେଇ ଦିଆଯିବ ।



## ରାଜ୍ୟ ଆଇନଜୀବୀ ପରିଷଦକୁ ଲକ୍ଷ୍ମୀନାରାୟଣ ପଟେଲ୍ ନିର୍ବାଚିତ

କଟକ: ହାଇକୋର୍ଟର ଯୁବ ଆଇନଜୀବୀ ଲକ୍ଷ୍ମୀନାରାୟଣ ପଟେଲ୍ ରାଜ୍ୟ ଆଇନକାଳୀ ପରିଷଦ



କୁ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଛନ୍ତି । ସମ୍ବଲପୁର ସହରର ମୋଦିପଡ଼ାର ସ୍ୱର୍ଗତ ଦୁର୍ଗା ପଟେଲଙ୍କ ପୁଅ ଶ୍ରୀ ପଟେଲ୍ ଭୁବନେଶ୍ୱରରୁ ଆଇନ ଶିକ୍ଷା ସମାପ୍ତ ପରେ ସମ୍ବଲପୁର ବାର୍‌ରେ ପ୍ରାକ୍‌ଟିସ୍ ଆରମ୍ଭ କରିଥିଲେ । ପରେ ୧୯୯୫ରୁ ହାଇକୋର୍ଟ ସମେତ ବିଭିନ୍ନ ଅଦାଲତରେ ଆଇନଜୀବୀ ଭାବେ ମାମଲା ପରିଚାଳନା କରୁଛନ୍ତି ।

## ଏନ୍‌ଏସ୍‌ସିବି କଲେଜରେ 'ମେରା ମାଟି ମେରା ଦେଶ' କାର୍ଯ୍ୟକ୍ରମ




ସମ୍ବଲପୁର : ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ପରିସରରେ ମେରା ମାଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ଡକ୍ଟର ସିକତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ 'ପଞ୍ଚ ପ୍ରାଣ' ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିନ 'ବୀରୋଁ କି ବନ୍ଦନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରଥମ ପର୍ଯ୍ୟାୟରେ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇ ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପ୍ରଫେସର ଦୁର୍ଲ୍ଲଭ କୁମାର ସା ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଏବଂ ସ୍ୱାଧୀନତାର ସୁରକ୍ଷା ଓ ସ୍ୱାଭିମାନ ନାଗରିକ କ୍ଷେତ୍ରରେ ନିଜସ୍ୱ କର୍ତ୍ତବ୍ୟ ଓ ଶୃଙ୍ଖଳା ପ୍ରତି ଅବଗତ କରାଇଥିଲେ । ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶ୍ରୀ ହେମନ୍ତ କୁମାର ମହାପାତ୍ର ସଂଘର୍ଷମୟ ଅତୀତରେ ସଂଗ୍ରାମୀ ନୃସିଂହ ଗୁରୁଙ୍କ ଦୁର୍ବାର ନେତୃତ୍ୱ ସମ୍ପର୍କରେ ସୂଚନା ଦେଇ ତାଙ୍କର ସଂଘର୍ଷମୟ ଜୀବନ ଓ ଆଦର୍ଶ ସଂପର୍କରେ ଭାଷଣ ଦେଇଥିଲେ । ଅଧାପିକା ମେଞ୍ଜା ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ମିଲି ସାହୁ ପରିଚାଳନା କରିଥିଲେ ।

## କେନ୍ଦୁଝରରୁ ଗିରିଜା ମିଶ୍ର ରାଜ୍ୟ ଆଇନ ପରିଷଦକୁ ନିର୍ବାଚିତ

କେନ୍ଦୁଝର : କେନ୍ଦୁଝର ଓକିଲ ସଂଘରୁ ଆଡ଼ଭୋକେଟ୍ ଶ୍ରୀ ଗିରିଜା ଶଙ୍କର ମିଶ୍ର ରାଜ୍ୟ ଆଇନଜୀବୀ ପରିଷଦକୁ ନିର୍ବାଚିତ ହୋଇଛନ୍ତି । କେନ୍ଦୁଝର ଓକିଲ ସଂଘର ପୂର୍ବତନ ସଂପାଦକ ଶ୍ରୀ ମିଶ୍ର ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ ତଥା ବିଭିନ୍ନ ବ୍ୟାଙ୍କର ପ୍ୟାନେଲ ଆଡ଼ଭୋକେଟ୍ ଅଛନ୍ତି । ଏହି ନିର୍ବାଚନରେ ସେ ବିଜୟୀ ହେବା ପରେ



କେନ୍ଦୁଝର ଜିଲ୍ଲା ଓକିଲ ସଂଘର ବହୁ ସଭ୍ୟ ତଥା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra